ଧରିତ୍ରୀ DHARITRI
ମଙ୍ଗଳବାର, ୬ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ହତ୍ୟା ମାମଲାର ୪ ବର୍ଷ ପରେ ପରିବାରର ଚାରି ସଦସ୍ୟଙ୍କୁ ଆଜୀବନ ଦଣ୍ଡାଦେଶ

**ବ୍ରହ୍ମପୁର ଅଫିସ୍,୫।୧୧:** ଏକ ହତ୍ୟା ମାମଲାର ୪ ବର୍ଷ ପରେ ଗୋଟିଏ ପରିବାରର ଚାରି ସଦସ୍ୟଙ୍କୁ ଆଜୀବନ କାରାଦଣ୍ଡାଦେଶ ସହିତ ପ୍ରତ୍ୟେକଙ୍କୁ ୫ ହଜାର ଟଙ୍କା ଜରିମାନା ପୈଠ କରିବା ଲାଗି ସୋମବାର ଜିଲା ଜଜ୍ ବିଭୂ ପ୍ରସାଦ ରାଉତରାୟ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ୨୨ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରିବା ପରେ ଜିଲା ଜଜ୍ ଏହି ରାୟ ପ୍ରକାଶ କରିଛନ୍ତି । ମୁଦାଲାମାନେ ହେଲେ ପାଟପୁର ଥାନା କଂସାମାରି ଗ୍ରାମର ଏସ୍.ଡମ୍ଭ ଦୋରା, ତାଙ୍କ ସ୍ତ୍ରୀ ଏସ୍.ଶଶି ଦୋରା ଏବଂ ୨ ପୁଅ ଏସ୍.ଭାଗୀରଥି ଦୋରା ଓ ଏସ୍.ସଦାଶିବ ଦୋରା ।

ପ୍ରକାଶଯେ,୨୦୧୪, ଜୁଲାଇ ୨ ତାରିଖରେ ଶଶିଙ୍କ ଘର ସମ୍ମୁଖରେ ରହୁଥିବା ତାଙ୍କ ଭାଇ ଏସ୍.କୁରେଶୁ ଦୋରାଙ୍କ ସହିତ ସମ୍ପତ୍ତି ଭାଗବଣ୍ଟାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା । ପରେ ପରିବାରର ସମସ୍ତ ସଦସ୍ୟ ବାଉଁଶ ଠେଙ୍ଗା ଓ ଶାବଳରେ କୁରେଶୁଙ୍କୁ ଆକ୍ରମଣ କରିଥିଲେ । ଫଳରେ ଘଟଣା ସ୍ଥଳରେ କୁରେଶୁଙ୍କ ମତ୍ୟୁ ଘଟିଥିଲା । ଏନେଇ ପାଟପୁର ଥାନାରେ ନଂ. ୮୫/୧୮ରେ ତଦନ୍ତକାରୀ ଅଧିକାରୀ ମନୋରମା ମଲ୍ଲିକ ଏକ ହତ୍ୟା ମାମଲା ରୁଜୁ କରି ପରିବାରର ଚାରି ସଦସ୍ୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ । ପରବର୍ତ୍ତୀ ସମୟରେ କେବଳ ଶଶିଙ୍କୁ ଜାମିନ ମିଳିଥିଲା । ସୋମବାର ଉକ୍ତ ମାମଲାର ବିଚାର ଚାଲିଥିବା ବେଳେ ପ୍ରତ୍ୟେକ ସଦସ୍ୟଙ୍କୁ ୫ ହଜାର ଟଙ୍କାର ଜରିମାନା ଅର୍ଥ ପୈଠ କରିବା ସହିତ ଆଜୀବନ କାରାଦଣ୍ଡାଦେଶ ପାଇଁ ଜିଲା ଜଜ୍ ରାୟରେ ଉଲ୍ଲେଖ କରିଥିଲେ । ସରକାରଙ୍କ ପକ୍ଷରୁ କ୍ୟାଡର ପିପି ଅଜିତ୍ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

### ଭୋଟର୍ ତାଲିକା ସଂଶୋଧନ କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୫।୧୧:** ଭୋଟର୍ ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଦାବି ଓ ଆପତ୍ତି ଗ୍ରହଣର ଶେଷ ତାରିଖ ଗତ ୩୧ତାରିଖ ରହିଥିଲା। କିନ୍ତୁ କେନ୍ଦ୍ର ନିର୍ବାଚନ ଆୟୋଗ ଏହାକୁ ନଭେମ୍ବର ୧୫ତାରିଖ ଯାଏ ବୃଦ୍ଧି କରିଛନ୍ତି। ସୋମବାର ଏନେଇ ଏକ ସ୍ୱତନ୍ତ୍ର ରଥ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା। ଏହାକୁ ଉପଜିଲାପାଳ ଦିଗନ୍ତ ରାଉତରାୟ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ । ଏହି ରଥ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କୁ ସ୍ୱତନ୍ତ୍ର ଚିଠା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିବ। କେଉଁ ଫର୍ମର କେଉଁ କାର୍ଯ୍ୟ ପାଇଁ ବ୍ୟବହାର କରାଯିବ, ସେନେଇ ଲୋକଙ୍କୁ ବୁଝାଯିବ। ବୁଥ୍‌ସ୍ତରୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିହେବ । ରଥ ଉଦ୍‌ଘାଟନ ଅବସରରେ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

### ସନ୍ତରଣ ଅଭ୍ୟାସ ବେଳେ ବୁଡ଼ିଗଲେ ୨ ଭାଇ

# ଜଣେ ମୃତ, ଜଣେ ଜୀବିତ

**ଅଧାରେ ରହିଲା ସୈନ୍ୟ ବାହିନୀ ସ୍ୱପ୍ନ**



ଅଗ୍ନିଶମ ବିଭାଗ ପକ୍ଷରୁ ବି.ଏ. ସେଟ୍ ମାଧ୍ୟମରେ କୁଳଦୀପଙ୍କୁ ଉଦ୍ଧାର କରାଯାଉଛି ।

ବ୍ରହ୍ମପୁର ଅଫିସ୍,୫।୧୧

ସନ୍ତରଣ ଅଭ୍ୟାସ ବେଳେ ସିଂ ପୋଖରୀର ୨୦ ଫୁଟ ଜଳରେ ସୋମବାର ୨ ଭାଇ ବୁଡିଯାଇଥିଲେ । ଜଣଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିଥିବା ବେଳେ ଆଉ ଜଣଙ୍କୁ ବ୍ରହ୍ମପୁର ଅଗ୍ନିଶମ ବିଭାଗ ଉଦ୍ଧାର କରି ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଛି। ବଡ ଭାଇଙ୍କୁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ । ମୃତକ ହେଲେ ଲାଞ୍ଜିପଲ୍ଲୀ ଅଞ୍ଚଳର ସୋମନାଥ ନାୟକଙ୍କ ବି.ଟେକ୍ ପଢୁଥିବା ପୁଅ କୁଳଦୀପ କୁମାର ନାୟକ (୨୩)।

ପ୍ରକାଶଯେ, ଭାରତୀୟ ସେନାର ବିଭିନ୍ନ ସାକ୍ଷାତ୍‌କାର ପାଇଁ ସନ୍ତରଣର ଆବଶ୍ୟକ ଥିବାରୁ କୁଳଦୀପ ଓ ତାଙ୍କ ଭାଇ କ୍ଷେତ୍ରମୋହନ ଘର ନିକଟ ଲାଞ୍ଜିପଲ୍ଲୀ ସିଂ ପୋଖରୀକୁ ସୋମବାର ସକାଳେ ଅଭ୍ୟାସ କରିବାକୁ ଯାଇଥିଲେ। ଅଭ୍ୟାସ ସମୟରେ ୨୦ ଫୁଟ ଗଭୀରକୁ ଉଭୟେ ଚାଲି ଯାଇଥିଲେ। ବହୁ ଚେଷ୍ଟା ପରେ କୂଳକୁ ନ ଫେରି ପାରିବାରୁ ଦୁଇ ଜଣ ଚିତ୍କାର କରିଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ବହୁ ଚେଷ୍ଟା ପରେ କେବଳ କ୍ଷେତ୍ରମୋହନଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । କ୍ଷେତ୍ରମୋହନ ସୁସ୍ଥ ଥିବା ବେଳେ କୁଳଦୀପ ବହୁ ଗଭୀରକୁ ଚାଲି ଯାଇଥିଲେ। ଲୋକେ ବାଧହୋଇ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଅଣ୍ଡର୍ ୱାଟର୍ ବ୍ରିଦିଙ୍ଗ୍ ଆପାରାଟସ୍ (ବି.ଏ.) ସେଟ୍ ମାଧ୍ୟମରେ ପୋଖରୀର ଗଭୀରକୁ ଯାଇ ସଂଜ୍ଞାହୀନ ଅବସ୍ଥାରେ କୁଳଦୀପଙ୍କୁ ଉଦ୍ଧାର କରିଥିଲେ । ୪୦ ମିନିଟର କସରତ ପରେ କୁଳଦୀପଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈଦ୍ୟନାଥପୁର ପୋଲିସ ନଂ. ୫୬୭/୧୮ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

#### ଭାଇଙ୍କ ସ୍ୱପ୍ନ ସାକାର କରିବି: କ୍ଷେତ୍ରମୋହନ

ବଡଭାଇ କୁଳଦୀପଙ୍କୁ ଅନୁକରଣ କରି କ୍ଷେତ୍ରମୋହନ ମଧ ସେନାରେ ଯୋଗଦେବା ପାଇଁ ସମସ୍ତ ପ୍ରକାର ଶାରିରୀକ ଅଭ୍ୟାସ କରୁଥିଲେ । ହେଲେ ସେହି ସ୍ୱପ୍ନ ହିଁ ଦିନେ ବଡଭାଇଙ୍କ ପାଇଁ କାଳ ପାଲଟିଯିବ ତାହା କେବେ ମଧ୍ୟ ପରିବାର ବର୍ଗ ଭାବି ନ ଥିଲେ । ଅକାଳ ବିୟୋଗରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିବା ବେଳେ ବଡ ଭାଇଙ୍କ ଅଧୁରା ସ୍ୱପ୍ନ ସାକାର କରିବେ ବୋଲି ସାନଭାଇ କ୍ଷେତ୍ରମୋହନ ଦୁଃଖ ଭରା କଣ୍ଠରେ କହିଛନ୍ତି ।

## ଚିନ୍ତା ବଢ଼ାଉଛି ଅପରାଧରେ ନାବାଳକଙ୍କ ସମ୍ପୃକ୍ତି

ବ୍ରହ୍ମପୁର ଅଫିସ୍,୫।୧୧

ବ୍ରହ୍ମପୁର ସହରରେ ମାସକ ମଧ୍ୟରେ ଘଟିଥିବା ଦୁଇଟି ହତ୍ୟାକାଣ୍ଡରେ ନାବାଳକଙ୍କ ସମ୍ପୃକ୍ତି ରହିଛି । ପୋଲିସ ନାବାଳକଙ୍କୁ ଆଣି ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସ୍ୱଧାର ଗୃହକୁ ପଠାଉଛି । ଏପଟେ ଅପରାଧରେ ନାବାଳକମାନଙ୍କ ସମ୍ପୃକ୍ତି ସହରବାସୀଙ୍କ ମୁଣ୍ଡବ୍ୟଥା ବଢାଇ ଦେଉଛି।

ସେପ୍ଟେମ୍ବର ୧୬ ତାରିଖରେ ବଡବଜାରଥାନା ଧାନମେରା ସାହିର ସୋନୁ ଘଡାଇ ହତ୍ୟା ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୋଲିସ ୩ ନାବାଳକଙ୍କୁ ସ୍ୱଧାର ଗୃହକୁ ପଠାଇଛି । ସେହିପରି ଗତ ୩୧ ତାରିଖ ସଦରଥାନା ଅନ୍ତର୍ଗତ ଖାରବେଳନଗର ତୃତୀୟ ଲେନ୍ ଏକ୍ସଟେନସନ୍‌ର ପ୍ରଦୀପ ବେହେରା ହତ୍ୟା ମାମଲାରେ ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏହି ହତ୍ୟାକାଣ୍ଡରେ ୨ ନାବାଳକଙ୍କ ସମ୍ପୃକ୍ତି ରହିଥିବା ସୂଚନା ଦିଆଯାଇଛି । ସେମାନଙ୍କୁ ମଧ ସ୍ୱଧାର ଗୃହକୁ ପଠାଯିବ ବୋଲି ପୋଲିସ କହିଛି। ସାମାନ୍ୟ କଥାକୁ ନେଇ ପ୍ରଦୀପଙ୍କ ମୁଣ୍ଡରେ ସିମେଣ୍ଟ ଇଟା ଛେଚି ହତ୍ୟା କରାଯାଇଥିବା ସୂଚନା ମିଳିଛି ।

କୌଣସି ଅପରାଧରେ ନାବାଳକ ସମ୍ପୃକ୍ତ ଥିବା ପ୍ରମାଣିତ ହେଲେ ସେମାନଙ୍କୁ ସର୍ବାଧିକ ୩ ବର୍ଷ ଯାଏଁ ସ୍ୱଧାର ଗୃହରେ ରଖାଯିବା ସରକାରଙ୍କ ନିର୍ଦ୍ଦେଶ ରହିଛି । ହେଲେ ଆପରାଧିକ ପୃଷ୍ଠଭୂମିକୁ ପରଖି ସେମାନଙ୍କୁ ଖୁବ୍‌ଶୀଘ୍ର ଜାମିନ ମିଳିଯାଇଥାଏ ବୋଲି ଆଇନଜୀବୀ ନିର୍ମଳ ସାହୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଏହି କାରଣ ହେତୁ ବିଭିନ୍ନ ସମୟରେ ନାବାଳକମାନଙ୍କୁ ଅପରାଧୀକ କାର୍ଯ୍ୟକଳାପରେ ମୁଷ୍ଟିମେୟ ବ୍ୟକ୍ତିମାନେ ବ୍ୟବହାର କରିଥାନ୍ତି। ସେପଟେ ସାମାନ୍ୟ ଅର୍ଥ ଲାଳସାରେ ନାବାଳକମାନେ ମଧ୍ୟ ନିଜ ଅଜ୍ଞାତରେ ବିଭିନ୍ନ ଅପରାଧ କରିଥାନ୍ତି। ସ୍ୱଧାର ଗୃହରେ ଉପଯୁକ୍ତ କାଉନସେଲିଂ କରିବା ପରେ ନବାଳକଙ୍କ ମାନସିକ ସ୍ଥିତିକୁ ପରିବର୍ତ୍ତନ କରି ପୁଣି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥାଏ । ହେଲେ ସ୍ୱଧାର ଗୃହରୁ ଫେରିଆସୁଥିବା ନାବାଳକ ମାନଙ୍କ ମଧ୍ୟରୁ ଅଧିକାଂଶ ପୁଣି ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ନଜିର ରହିଛି । ନାବାଳକମାନଙ୍କୁ ଅପରାଧିକ କାର୍ଯ୍ୟକଳାପରୁ ଦୂରେଇ ରଖିବା ଏବଂ ସେମାନଙ୍କ ଅଭିଭାବକମାନଙ୍କ ଜରିଆରେ ମାନସିକତାରେ ପରିବର୍ତ୍ତନ ଆଣିବା ପାଇଁ ବ୍ୟାପକ ଜନସଚେତନତା କରାଯିବ ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।



ବ୍ରହ୍ମପୁର ସହରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ କାର୍ତ୍ତିକ ମାସ ଦ୍ୱିତୀୟ ସୋମବାର ଉପଲକ୍ଷେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ । (ଫଟୋ-ସମୀର ରଥ)

### ଲାଞ୍ଚ ନେଇ ଗିରଫ ଭାରପ୍ରାପ୍ତ ମୁଖ୍ୟ କିରାଣିଙ୍କୁ ସର୍ତ୍ତ ମୂଳକ ଜାମିନ

ବ୍ରହ୍ମପୁର ଅଫିସ୍,୫।୧୧

ଲାଞ୍ଚ ନେଇ ଗିରଫ ହୋଇଥିବା ଗଜପତି ଜିଲା କାଶୀନଗର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟର ଭାରପ୍ରାପ୍ତ ମୁଖ୍ୟ କିରାଣି ସୁରେନ୍ଦ୍ର ମହାଙ୍କୁଡଙ୍କୁ ସୋମବାର ସର୍ତ୍ତମୂଳକ ଜାମିନ ମିଳିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ କୋର୍ଟରେ ଅପ୍ ଟୁ ଡେଟ୍ ସିଡି ଦାଖଲ କରିବା ପରେ ଭିଜିଲାନ୍ସ କୋର୍ଟ ମାଜିଷ୍ଟ୍ରେଟ୍ ଈଶାନ୍ କୁମାର ଦାସ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି । ପ୍ରକାଶଯେ, ଗଜପତି ଜିଲା ଅଲଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଶ୍ୟାମସୁନ୍ଦର ପଟ୍ଟନାୟକ ନିଜର ପେନସନ ସମସ୍ୟା ନେଇ ବିଇଓ ଅଫିସକୁ ଯାଇଥିବା ବେଳେ ସେଠାରେ ଭାରପ୍ରାପ୍ତ ମୁଖ୍ୟ କିରାଣି ସୁରେନ୍ଦ୍ର ୧୦ ହଜାର ଟଙ୍କାର ଲାଞ୍ଚ ମାଗିଥିଲେ । ଅକ୍ଟୋବର ୨୫ ତାରିଖରେ ସୁରେନ୍ଦ୍ର ଲାଞ୍ଚ ନେଉଥିବା ସମୟରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ସ୍ୱତନ୍ତ୍ର ପିପି ତପନ କୁମାର ଦାସ ଏବଂ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିବା ଜଣାପଡିଛି ।

### ବ୍ରହ୍ମପୁର ମୁଖ୍ୟ ଡାକଘର କମ୍ପ୍ୟୁଟର୍ ସିଷ୍ଟମରେ ଭାଇରସ୍

# କାର୍ଯ୍ୟ ଠପ୍, ଗ୍ରାହକ ହନ୍ତସନ୍ତ

ବ୍ରହ୍ମପୁର ଅଫିସ୍,୫।୧୧

ବ୍ରହ୍ମପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟର ସମସ୍ତ କମ୍ପ୍ୟୁଟର ସୋମବାର ପୂର୍ବାହ୍ନରୁ ଭାଇରସ୍ ହୋଇ ଅଚଳ ଯୋଗୁ କାର୍ଯ୍ୟ ଠପ୍ ହୋଇଯାଇଛି । ବିଭିନ୍ନ ଜରୁରୀ କାର୍ଯ୍ୟ ନେଇ ଆସିଥିବା ଗ୍ରାହକମାନଙ୍କୁ ହନ୍ତସନ୍ତ ହେବାକୁ ପଡିଥିବା ଦେଖିବାକୁ ମିଳିଛି । ସର୍ବରରେ ଭାଇରସ୍ ହୋଇଥିବା ଯୋଗୁ ସମସ୍ୟା ଉପୁଜିଛି । ସେନେଇ ପଦକ୍ଷେପ ଗ୍ରହଣ କରାଯାଉଛି ମଙ୍ଗଳବାରରୁ ସମସ୍ତ କାର୍ଯ୍ୟ ସ୍ୱାଭାବିକ ହୋଇଯିବ ବୋଲି ବରିଷ୍ଠ ଅଧୀକ୍ଷକ ସୁବାସ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି । ପ୍ରକାଶଯେ, ସୋମବାର ପୂର୍ବାହ୍ନରେ ଡାକ କାର୍ଯ୍ୟାଳୟ ଖୋଲିବା ପରେ ମୁଖ୍ୟ କମ୍ପ୍ୟୁଟର୍ ପ୍ରଥମେ ଷ୍ଟାର୍ଟ ହୋଇ ସ୍ୱୟଂ ଚାଳିତ ଭାବେ ରିଷ୍ଟାର୍ଟ ହୋଇଯାଇଥିଲା । ପରେ ଡେସ୍କଟପ୍ ଉପରେ ଥିବା ଆଇକନ୍ ସବୁ ନାଲି ପଡିଯାଇଥିବା ବେଳେ କୌଣସି କାର୍ଯ୍ୟ ଆଉ ହୋଇପାରି ନ ଥିଲା। ଫଳରେ ସମସ୍ତ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଥିଲା । ପରେ ବ୍ରହ୍ମପୁର ମୁଖ୍ୟ ଡାକ କାର୍ଯ୍ୟାଳୟ ଅଧୀନସ୍ଥ ଗୋଷାଣୀନୂଆଗାଁ ଶାଖାରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଥିଲା ବୋଲି ବରିଷ୍ଠ ଅଧୀକ୍ଷକ ସୂଚନା ଦେଇଛନ୍ତି । ଚେନ୍ନାଇସ୍ଥିତ ସର୍ବର ମେଣ୍ଟାନାନ୍ସ ଭାଇରସ୍ ଆକ୍ରାନ୍ତ ହୋଇଯାଇଥିବାରୁ ସମସ୍ୟା ଉପୁଜିଛି । ସେନେଇ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାଯାଇଛି ।

## ପ୍ରଦୀପ ହତ୍ୟା ମାମଲା: ମୁଖ୍ୟ ଅଭିଯୁକ୍ତ ଗିରଫ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ସୂଚନା ଦେଉଛନ୍ତି ।

ବ୍ରହ୍ମପୁର ଅଫିସ୍,୫।୧୧

ବ୍ରହ୍ମପୁର ଖାରବେଳନଗର ତୃତୀୟ ଲେନ୍ ଏକ୍ସଟେନଶନ୍‌ରେ ଘଟିଥିବା ପ୍ରଦୀପ ବେହେରା ହତ୍ୟାକାଣ୍ଡ ମାମଲାରେ ରବିବାର ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ଦିଗପହଣ୍ଡି ଥାନା ନିମଖଣ୍ଡିପେଣ୍ଠ ଗ୍ରାମର ସଂସାର ମହାଙ୍କୁଡ (୨୧) । ସେ ଏକ ବେସରକାରୀ ଆମ୍ବୁଲାନ୍ସ ଗାଡି ଚଳାଉଥିଲେ । ସେ ବ୍ରହ୍ମପୁର ବ୍ରଜନଗର ତୃତୀୟ ଲେନ୍‌ରେ ରହୁଥିଲେ । ଗିରଫଙ୍କ ନିକଟରୁ ହତ୍ୟାରେ ବ୍ୟବହୃତ ଦୁଇଟି ରକ୍ତଭିଜା ସିମେଣ୍ଟ ଇଟା ଏବଂ ସଂସାରଙ୍କ ରକ୍ତ ଭିଜା ପୋଷାକ ପୋଲିସ ଜବତ କରିଛି । ଘଟଣାର ପ୍ରତ୍ୟକ୍ଷଦର୍ଶୀ ୨ ନାବାଳକଙ୍କୁ ପୋଲିସ ପଚରାଉଚୁରା କରି ଛାଡି ଦେଇଥିବା ସଦର ଏସଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଶାନ୍ତନୁ ଦାସ ସୂଚନା ଦେଇଛନ୍ତି।

ପ୍ରକାଶଯେ, ଅକ୍ଟୋବର ୩୦ରେ ଖାରବେଳନଗର ତୃତୀୟ ଲେନ୍ ଏକ୍ସଟେନଶନ୍‌ରେ ସଂସାର, ୨ ନାବାଳକ ଏବଂ ପ୍ରଦୀପ ମଦ ପିଉଥିଲେ । ବାର୍ତ୍ତାଳାପ ମଧ୍ୟରେ ସଂସାର କୌଣସି ଏକ ବିଷୟକୁ ନେଇ ଉତ୍‌କ୍ଷିପ୍ତ ହୋଇ ଅର୍ଦ୍ଧନିର୍ମାଣାଧୀନ ଘର ବାରଣ୍ଡାରେ ପଡିଥିବା ଏକ ଇଟାରେ ପ୍ରଦୀପଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ । ପ୍ରଦୀପ କାଳେ ଆକ୍ରମଣ କରିବେ ବୋଲି ଆଉ ଏକ ସିମେଣ୍ଟ ଇଟାରେ ପ୍ରଦୀପଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ସେଠାରେ ପ୍ରଦୀପଙ୍କୁ ଛାଡି ଗିରଫ ଭୟରେ ସମସ୍ତେ ଫେରାର ହୋଇଯାଇଥିଲେ । ୩୧ ତାରିଖ ଭୋରୁ ପ୍ରଦୀପଙ୍କ ବାପା ହାଡୁବନ୍ଧୁଙ୍କ ଏତଲା କ୍ରମେ ସଦରଥାନା ପୋଲିସ ନଂ ୨୬୧/୧୮ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ମୃତ ପ୍ରଦୀପ ବିଭିନ୍ନ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତଥିବା ବେଳେ ସଦରଥାନାରେ ତାଙ୍କ ନାଁରେ ୩ଟି ମାମଲା ରହିଛି । ପୂର୍ବଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରି ତଦନ୍ତ ଚଳାଇଥିଲା । ଘଟଣାର ପ୍ରତ୍ୟକ୍ଷଦର୍ଶୀ ୨ ନାବାଳକଙ୍କ ନିକଟରେ ପୋଲିସ ପହଞ୍ଚି ସମସ୍ତ ବିଷୟ ଅବଗତ ହୋଇଥିଲା। ପରେ ସଂସାରଙ୍କୁ ପୋଲିସ ଜେରା କରିବା ସମୟରେ ସେ ଦୋଷ ସ୍ୱୀକାର କରିଥିଲେ । ଉଦ୍ଦେଶ୍ୟ ମୂଳକ ଭାବେ ହତ୍ୟା କରାଯାଇ ନ ଥିବା ପୋଲିସ ନିଜର ବୟାନ୍ ରଖିଥିଲେ । ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ଭାରତୀୟ ଦଣ୍ଡବିଧି ସଂହିତା ଦଫା ୩୦୨ରେ ଅଭିଯୁକ୍ତ ସଂସାରଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ସଦର ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏବଂ ସଦରଥାନା ଆଇଆଇସି ଶିବ ଶଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

### ଭାଜପା ଯୁବମୋର୍ଚ୍ଚାର ତାଲା ପକା ଆନ୍ଦୋଳନ

# ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ଆଗରେ ବିକ୍ଷୋଭ

ବ୍ରହ୍ମପୁର ଅଫିସ,୫।୧୧

ଗଞ୍ଜାମ ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ସୋମବାର ବ୍ରହ୍ମପୁରସ୍ଥ ଜିଲା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ ତାଲା ପକା ଆନ୍ଦୋଳନ ହୋଇଥିଲା। ଗଞ୍ଜାମ ସମେତ ରାଜ୍ୟରେ ବେକାରୀ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଥିବା ବେଳେ ଯୁବତୀ, ଯୁବକଙ୍କୁ ଚାକିରି ନିଯୁକ୍ତି ଦେବାରେ ସାଢ଼େ ୧୮ ବର୍ଷର ବିଜେଡି ସରକାର ବିଫଳ ହୋଇଥିବା ପ୍ରତିବାଦରେ ଏହା କରାଯାଇଥିଲା। ସଭାପତି ସିଦ୍ଧାନ୍ତ ଗଙ୍ଗଦେବଙ୍କ ନେତୃତ୍ୱରେ ମୋର୍ଚ୍ଚା କର୍ମୀମାନେ ଶୋଭାଯାତ୍ରାରେ ବାହାରି କର୍ମ ନିୟୋଜନ ଅଫିସ ପାଖରେ ପହଞ୍ଚି ଫାଟକରେ ତାଲା ପକାଇବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନାନା ଆଶଙ୍କାରେ ବିଏନ୍‌ପୁର ପୋଲିସ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଥିଲା। ତେବେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନ ଥିଲା ।

ଆନ୍ଦୋଳନ ସ୍ଥଳରେ ସଭାପତି ଗଙ୍ଗଦେବ କହିଥିଲେ, ବେକାର ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି ଦେବା ଦାବିରେ ବିଭିନ୍ନ ତହସିଲ ଅଫିସ ଆଗରେ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦିଆଯାଇଥିଲା । ଫଳ ଶୂନ ହେବାରୁ ଏହି ପଦକ୍ଷେପ ନିଆଗଲା। ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜରେ କେବଳ ପଞ୍ଜୀକରଣ (ରେଜିଷ୍ଟ୍ରେଶନ) କରାଯାଉଥିବା ବେଳେ ନିଯୁକ୍ତି ପ୍ରକ୍ରିୟା ଠପ୍ ହୋଇଯାଇଛି । ସେ ଆହୁରି କହିଥିଲେ, ୮ ବର୍ଷ ମଧ୍ୟରେ ଚାକିରି ପାଇଁ ୧ ଲକ୍ଷ ୩୦ ହଜାର ୩୯୭ ବେକାର ଯୁବତୀ, ଯୁବକ ନାମ ପଞ୍ଜୀକରଣ କରିଛନ୍ତି । ତନ୍ମଧ୍ୟରୁ ମାତ୍ର ୪୮୦ ଜଣ ନିଯୁକ୍ତି ପାଇଛନ୍ତି । ସମ୍ପୃକ୍ତ କାର୍ଯ୍ୟାଳୟରୁ ଏହି ତଥ୍ୟ ମିଳିଛି। ରାଜ୍ୟ ସରକାର ନିଯୁକ୍ତି ପ୍ରକ୍ରିୟା କରିବାକୁ ସଭାପତି ଦାବି କରିଥିଲେ । ନ ଚେତ ଯୁବମୋର୍ଚ୍ଚା ପୁଣି ଆନ୍ଦୋଳନକୁ ଓହ୍ଲାଇବାର ସେ ଚେତାବନୀ ଦେଇଛନ୍ତି ।

ଆନ୍ଦୋଳନ ସ୍ଥଳରେ ଜିଲା ଭାଜପା ସଭାପତି କାହ୍ନୁ ଚରଣ ପତି, ଯୁବମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଏନ. ରାଜେନ୍ଦ୍ର କୁମାର, ଜିଲା ସାଧାରଣ ସମ୍ପାଦକ ବିକାଶ ପାଣିଗ୍ରାହୀ, ଶୁଭାଶିଷ ସାହୁ, ରଘୁନାଥ ରେଡ୍ଡୀ, ଏନ୍. ଦୀନବନ୍ଧୁ, ପ୍ରଶାନ୍ତ ଗୌଡ଼, ତାରକେଶ୍ୱର ରେଡ୍ଡୀ ଓ ଶ୍ରୀକୁମାର ପୁରୋହିତ ପ୍ରମୁଖ ଉଦ୍‌ବୋଧନ ଦେଇ ନବୀନ ସରକାର ବିରୋଧରେ ବର୍ଷିଥିଲେ। ସୂର୍ଯ୍ୟମଣି ପାତ୍ର, ସନ୍ତୋଷ ସାହୁ, କମଳ ପାତ୍ର, ହୃଷୀକେଶ ପାଢ଼ୀ, ରାଜେଶ ମାଝି, ନିରଞ୍ଜନ ସ୍ୱାଇଁ, ଭାଜପାର ବରିଷ୍ଠ ନେତା ଶିଶିର ପାଢ଼ୀ, ଶରତ ସାହୁ, ରବୀନ୍ଦ୍ର ସାହୁ, ରାମ କୁମାର ପାତ୍ର, ପ୍ରଭାତ ଷଡ଼ଙ୍ଗୀ ଓ ପ୍ରବୀର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।



ଆନ୍ଦୋଳନ କରୁଛନ୍ତି ଭାଜପା ଯୁବମୋର୍ଚ୍ଚା କର୍ମୀମାନେ।

### ନିଯୁକ୍ତି କ୍ଷେତ୍ରରେ କେନ୍ଦ୍ର ବିଫଳତାର ପ୍ରତିବାଦ

# ଏଫସିଆଇ ଅଫିସ ଆଗରେ ଯୁବ ବିଜେଡିର ଧାରଣା

ବ୍ରହ୍ମପୁର ଅଫିସ,୫।୧୧

ଗଞ୍ଜାମ ଜିଲା ଯୁବ ବିଜେଡି ପକ୍ଷରୁ ସୋମବାର ବ୍ରହ୍ମପୁରରେ କେନ୍ଦ୍ର ସରକାରୀ ଦପ୍ତର ଏଫସିଆଇ (ଫୁଡ କର୍ପୋରେସନ ଅଫ ଇଣ୍ଡିଆ)ର ଜୋନାଲ ଅଫିସ ଆଗରେ ଦୁଇ ଘଣ୍ଟିଆ ଗଣଧାରଣା ଦିଆଯାଇଥିଲା। ରାଜ୍ୟ ସରକାରଙ୍କ କର୍ମ ନିଯୁକ୍ତି କ୍ଷେତ୍ରରେ ବିଫଳତାର ପ୍ରତିବାଦରେ ଏମ୍ପ୍ଲୟମେଣ୍ଟ ଅଫିସ ଫାଟକରେ ଭାଜପା ଯୁବମୋର୍ଚ୍ଚା ତାଲା ପକାଇଥିବା ବେଳେ ଏହାର ଜବାବରେ ଏହି ପଦକ୍ଷେପ ନେଇଥିଲା ଯୁବ ବିଜେଡି । ଗଣଧାରଣା ଓ ବିକ୍ଷୋଭର ନେତୃତ୍ୱ ନେଇଥିଲେ ସଭାପତି ଧନଞ୍ଜୟ ରାଓ । ସାଧାରଣ ସମ୍ପାଦକ ଜଗଦୀଶ ସାବତ, ମହାନଗର ଯୁବ ବିଜେଡି ସଭାପତି ମୁକୁନ୍ଦ ଗୌଡ଼ ଓ ସଞ୍ଜୟ ଜେନାଙ୍କ ସମେତ ବହୁ ସଂଖ୍ୟକ ଯୁବ ଓ ଛାତ୍ର ସଂଗଠନର କର୍ମକର୍ତ୍ତା ଏବଂ କର୍ମୀ ଏଥିରେ ସାମିଲ ହୋଇଥିଲେ। ଗୋପାଳପୁର ବିଧାୟକ ତଥା ଜିଲା ବିଜେଡି ସଭାପତି ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ବ୍ରହ୍ମପୁର ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଜିଲା ବିଜେଡି ଉପସଭାପତି ଉମା ଚରଣ ନାୟକ, ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।



ଗଣଧାରଣାରେ ବିଜେଡି ନେତା ଓ କର୍ମୀ ।

ଆନ୍ଦୋଳନସ୍ଥଳରେ ଯୁବ ବିଜେଡି ଜିଲା ସଭାପତି ଧନଞ୍ଜୟ ଉଦ୍‌ବୋଧନ ଦେଇ ମୁଖ୍ୟତଃ ମୋଦି ସରକାରଙ୍କୁ ଶାଣିତ ଭାଷାରେ ଟାର୍ଗେଟ କରି ବର୍ଷିଥିଲେ। ୨୦୧୪ ନିର୍ବାଚନ ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିବର୍ଷ ଦେଶର ୨ କୋଟି ବେକାର ଯୁବତୀ, ଯୁବକଙ୍କୁ ନିଯୁକ୍ତି ଦେବାର ବାହାସ୍ଫୋଟ ମାରିଥିଲେ । ତେବେ ନିର୍ବାଚନୀ ପ୍ରତିଶ୍ରୁତି ପୂରଣରେ କେନ୍ଦ୍ର ଏନଡିଏ ସରକାର ସମ୍ପୂର୍ଣ୍ଣ ବଫଳ ହୋଇଥିବା ସେ ସମାଲୋଚନା କରିଥିଲେ । ନୋଟବନ୍ଦୀ ବା ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଲାଗୁ କରି ଦେଶର ଚଳନ୍ତି ଅର୍ଥନୀତିକୁ ପଙ୍ଗୁ କରି ଦିଆଯାଇଛି ଏବଂ ଯୁବଗୋଷ୍ଠୀକୁ ହତାଶ କରି ଦିଆଯାଇଛି । ଓଡ଼ିଶାରେ ଥିବା କେନ୍ଦ୍ରୀୟ ପିଏସୟୁ ସଂସ୍ଥାମାନଙ୍କରେ ଓଡ଼ିଆ ଯୁବତୀ ଓ ଯୁବକଙ୍କୁ ନିଯୁକ୍ତି ସୁଯୋଗ ମିଳୁନାହିଁ । କେନ୍ଦ୍ର ସରକାରରେ ଥିବା ଦୁଇଜଣ ଓଡ଼ିଆ ମନ୍ତ୍ରୀ ନିଯୁକ୍ତି ଲାଗି ପାଟି ଖୋଲୁନାହାନ୍ତି ।

ଅପରପକ୍ଷରେ ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ବିଭିନ୍ନ କ୍ଷେତ୍ରରେ ଅବହେଳା ଅବ୍ୟାହତ ରହିଛି। ହକ୍ ପାଇବାରୁ ରାଜ୍ୟକୁ ବଞ୍ଚିତ କରାଯାଇଛି । ପ୍ରସ୍ତାବିତ କେନ୍ଦ୍ରୀୟ ପ୍ରକଳ୍ପ ଓ ରେଳ ପ୍ରକଳ୍ପ ଗୁଡ଼ିକ କାଯର୍‌ୟକାରୀ କରୁନଥିବା ଯୁବ ବିଜେଡି ସଭାପତି ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଦେଇଥିବା ନିଯୁକ୍ତି ପ୍ରତିଶ୍ରୁତି କାର୍ଯ୍ୟକାରୀ ନ କଲେ ଯୁବ ଓ ଛାତ୍ର ବିଜେଡି ପୁଣି ଆନ୍ଦୋଳନକୁ ଜୋରଦାର କରାଯିବାର ରାଓ ଚେତାବନୀ ଦେଇଛନ୍ତି । ଯୁବଗୋଷ୍ଠୀର କଲ୍ୟାଣ ପାଇଁ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକ ସମ୍ପର୍କରେ ଅବଗତ କରାଯାଇଥିଲା। ଯୁବ ବିଜେଡିର ଆନ୍ଦୋଳନ ଦିନ ହିଁ ଯୁବମୋର୍ଚ୍ଚା କରିଥିବା ତାଲା ପକା ଅଭିଯାନ ଭାଜପାର ହିନ ରାଜନୀତି ହୋଇଥିବା କଟାକ୍ଷ କରାଯାଇଥିଲା । ଆନ୍ଦୋଳନସ୍ଥଳରେ ମହାନଗର ବିଜେଡି କର୍ମକର୍ତ୍ତା ଓ କେତେକ ପୂର୍ବତନ କର୍ପୋରେଟର ସାମିଲ ହୋଇଥିଲେ ।

## ସଂକ୍ଷେପରେ

### ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବୈଠକ

**ବ୍ରହ୍ମପୁର ଅଫିସ,୫।୧୧:** କର୍ପୋରେଶନ୍ ରାସ୍ତାସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟରେ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ସଂଘ ବ୍ରହ୍ମପୁର ସିଟି ସର୍କଲ୍ ଶାଖାର ଏକ ଜରୁରୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ଉପସଭାପତି ପ୍ରଫୁଲ୍ଲ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ । ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ ଏବଂ ସର୍କଲ୍ ସମ୍ପାଦକ କ୍ଷୀରୋଦ କୁମାର ସେଠୀ ସଭାର ଉଦ୍ଦେଶ୍ୟ ଏବଂ ବିଭିନ୍ନ ବିଷୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ସମସ୍ତ ଡିଭିଜନ୍ ସମ୍ପାଦକଙ୍କ ସମେତ ବହୁ କର୍ମକର୍ତ୍ତା ଭାଗ ନେଇଥିଲେ । ବୈଠକରେ ଗ୍ରେଡ୍ ପେ ୨୮୩୦ଟଙ୍କା, ଗ୍ରେଡ୍-ସି ଏବଂ ଗ୍ରେଡ୍-ବି ମଧ୍ୟରେ ଗ୍ରେଡ୍ ପେ ତାରତମ୍ୟ ମାତ୍ର ୧୦୦ଟଙ୍କା, ଏକ ବର୍ଷ ତାଲିମ୍ ହ୍ରାସର ବକେୟା ପ୍ରାପ୍ୟ, କ୍ଷେତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ଯ୍ୟାର୍ଡଷ୍ଟିକ୍ ନିୟମରେ ପରିବର୍ତ୍ତନ, ସପ୍ତମ ବେତନର ୪୦ପ୍ରତିଶତ ବକେୟା ଆଦି ଦାବି ସମ୍ପର୍କରେ ସେକ୍ସନ୍ ଓ ସବ୍-ଡିଭିଜନ୍ ସ୍ତର ସେକ୍ସନ ଅର୍ଗନାଇଜର୍ ଏବଂ ସବ୍-ଡିଭିଜନ୍ ସମ୍ପାଦକଙ୍କ ମଧ୍ୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିକଟରେ ଦାବି ଉପସ୍ଥାପନ କରିବା ଏବଂ ଆଗାମୀ ଅଧିବେଶନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଡିଭିଜନ୍ ସମ୍ପାଦକ ଗୋପୀନାଥ ରାଉତ, ଧନଞ୍ଜୟ ପରିଡ଼ା, ମହେନ୍ଦ୍ର ନାଥ, ସହସମ୍ପାଦକ ଲିଲେନ୍ ସେଠୀ, ଦେବାନନ୍ଦ ଧଳ ଯୋଗ ଦେଇଥିଲେ। ଏଥିସହ ସମସ୍ତ ଡିଭିଜନ୍‌ରୁ ବିପିନ ବେହେରା, ପ୍ରତାପ ଛଟେଇ, ଦିଲୀପ ପ୍ରଧାନ, ଅଶୋକ ପଟ୍ଟନାୟକ, ନୀଳମାଧବ ଦାସ, ଏଲ୍.ଶ୍ରୀନୁ, ରମେଶ ତରେଇ, ଜିତେନ୍ଦ୍ର ପ୍ରଧାନ, ଗଙ୍ଗାଧର ପାଣିଗ୍ରାହୀ, ଦିଲୀପ ପଟ୍ଟନାୟକ, ରଶ୍ମି ପରିଡ଼ା, କୃଷ୍ଣ ବିଶ୍ୱାଳ, ସନ୍ତୋଷ ପାଣିଗ୍ରାହୀ ଏବଂ ରମେଶ ମହାରଣା ଉପସ୍ଥିତ ଥିଲେ । ଆଗାମୀ ବାର୍ଷିକ ଅଧିବେଶନ ସମ୍ପର୍କରେ ସମସ୍ତେ ମତ ରଖିଥିଲେ ।

### ଆମ୍ବେଡକର ବିକାଶ ମହାମଞ୍ଚ ବୈଠକ

**ବ୍ରହ୍ମପୁର ଅଫିସ,୫।୧୧:** ବିଆର ଆମ୍ବେଦକର ଏସସି ଏବଂ ଏସଟି ବ୍ରହ୍ମପୁର ମହାନଗର ବିକାଶ ମହାମଞ୍ଚର ବୈଠକ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକାରୀ ସଭାପତି ଭାସ୍କର ହାତୀ ଅଧ୍ୟକ୍ଷତା କରିଥିବା ବେଳେ ମଞ୍ଚ ସାଧାରଣ ସମ୍ପାଦକ ପ୍ରଶାନ୍ତ ନାୟକଙ୍କ ସମେତ କେଶବ ନାୟକ, ମାଗୁଣି ନାହାକ, ବିଏସ୍ ରାଓ, ଟି. ବଳରାମ ଓ ଟି. ଶ୍ରୀନିବାସ ରାଓ ପ୍ରମୁଖ ଯୋଗ ଦେଇଥିଲେ। ମହାମଞ୍ଚର ହୋଇଥିବା ବିଭିନ୍ନ ଜନହିତକାରୀ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସାଧାରଣ ସମ୍ପାଦକ ସୂଚନା ଦେଇଥିଲେ । ଡିସେମ୍ବର ୬ରେ ଆମ୍ବେଡକରଙ୍କ ୬୩ତମ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯିବାର ନିଷ୍ପତ୍ତି ନିଆଯାଇଛି । ବୈଠକରେ ମହାମଞ୍ଚର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

## ମାନବ ଅଧିକାର ସୁରକ୍ଷା ମଞ୍ଚର ଘଣ୍ଟଯାତ୍ରା

# ସୁପର ସ୍ପେଶିଆଲିଟି ବିଭାଗକୁ କାର୍ଯ୍ୟକ୍ଷମ ଦାବି

**ବ୍ରହ୍ମପୁର ଅଫିସ୍,୫।୧୧**

୨ ଦଫା ଦାବି ନେଇ ସୋମବାର ମାନବ ଅଧିକାର ସୁରକ୍ଷା ମଞ୍ଚପକ୍ଷରୁ ବ୍ରହ୍ମପୁର ବଡ ମେଡିକାଲ ସୁପର ସ୍ପେଶିଆଲିଟି ବିଭାଗ ସମ୍ମୁଖରେ ୬୭ତମ ଘଣ୍ଟ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କ ଜରିଆରେ ପ୍ରଦାନ କରାଯାଇଛି।

ପ୍ରକାଶଯେ, ବଡ ମେଡିକାଲରେ ୫୬ କୋଟି ଟଙ୍କା ବ୍ୟୟ ଅଟକଳରେ ୩୦୦ ଶଯ୍ୟା ବିଶିଷ୍ଟ ସୁପର ସ୍ପେଶିଆଲିଟି ବିଭାଗ ନିର୍ମାଣ କରାଯାଇଛି। ଏହାର ଉଦ୍‌ଘାଟନୀକୁ ସମ୍ପ୍ରତି ଏକ ବର୍ଷ ପୂର୍ତ୍ତି ହେବାକୁ ଯାଉଥିବା ବେଳେ କାର୍ଯ୍ୟକ୍ଷମ ନ ହୋଇ ରକ୍ଷଣାବେକ୍ଷଣ ଅଭାବରୁ ତାହା ଏବେ ଭୂତକୋଠି ପାଲଟିଛି ବୋଲି ଅଭିଯୋଗ ହୋଇଛି। କେବଳ ସୌନ୍ଦର୍ଯ୍ୟମୟ ୪ ମହଲା ବିଶିଷ୍ଟ ଉକ୍ତ ଅଟ୍ଟାଳିକା ନିର୍ମାଣ ହୋଇଥିବା ବେଳେ ରୋଗୀ ସେବାରେ ଆସୁନାହିଁ । ଫଳରେ



ମାନବ ଅଧିକାର ସୁରକ୍ଷା ମଞ୍ଚପକ୍ଷରୁ ଘଣ୍ଟ ଯାତ୍ରା ।

ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟ ଏବଂ ଆଭିମୁଖ୍ୟ ଫଳପ୍ରଦ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ପବ୍ଲିକ୍ ପ୍ରାଇଭେଟ୍ ପାର୍ଟନରଶିପ୍ ମାଧ୍ୟମରେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ବ୍ୟବସାୟିକ ଅନୁଷ୍ଠାନରେ ପରିଣତ କରାଯିବା ନେଇ ଯେଉଁ ଘୃଣ୍ୟ ଷଡଯନ୍ତ୍ର ପ୍ରସ୍ତୁତ କରାଯାଉଛି ସେଥିପାଇଁ ବିଭିନ୍ନ ଅନ୍ତଃ ରାଷ୍ଟ୍ରୀୟ ଘରୋଇ କମ୍ପାନୀମାନଙ୍କୁ ଆକର୍ଷଣ କରାଯିବା ପାଇଁ ଏହି ବହୁ ମହଲା ବିଶିଷ୍ଟ ଅଟ୍ଟାଳିକାମାନ ନିର୍ମାଣ କରାଯାଇଛି ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି । ସେହିପରି ଏମ୍‌କେସିଜି ମେଡିକାଲର ସାଟେଲାଇଟ୍ ହାସପାତାଲ ଭାବେ ପରିଗଣିତ ସିଟି ହସ୍‌ପିଟାଲରେ ଡାକ୍ତର ଅଭାବ ଯୋଗୁ ଯକ୍ଷ୍ମା, କର୍କଟ, କେମୋଥେରାପି ଓ ନିଶ୍ଚେତକ ଭଳି ଜରୁରୀ ବିଭାଗରେ ତାଲା ଝୁଲୁଥିବା ବେଳେ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

ନ ଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି । ସମସ୍ୟା ନେଇ ବାରମ୍ବାର ବଡ ମେଡିକାଲ କର୍ତ୍ତୃପକ୍ଷଙ୍କ ଜରିଆରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ମଞ୍ଚ ସଂଯୋଜକ ଅବନୀ କୁମାର ଗୟାଙ୍କ ନେତୃତ୍ୱରେ ଅନୁଷ୍ଠିତ ଆନ୍ଦୋଳନରେ ଲକ୍ଷ୍ମୀନାରାୟଣ ରାଉତ, ଅନୀଲ ଦଳବେହେରା, ମନୋଜ କୁମାର ତରାଇ, ବିଜୟ ଚନ୍ଦ୍ର ବିଷୋୟୀ, ପ୍ରଭାତ ନାହାକ, ସାଜିଦ୍ ହୁସେନ୍ ଓ ରାଜେନ୍ଦ୍ର ଦଳବେହେରା ପ୍ରମୁଖଙ୍କ ସମେତ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ଏନେଇ ବଡ ମେଡିକାଲ ଅଧୀକ୍ଷକ ଡାକ୍ତର ଚରଣ ପଣ୍ଡାଙ୍କୁ ପଚରାଯିବାରୁ, ଅଭିଯୋଗ ଆସିଛି ଉଚ୍ଚପଦସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ।

## ଧନ୍‌ତେରସ୍‌ରେ ସୁନା ଦୋକାନରେ ଚଢ଼ାଉ

# ଧରାପଡ଼ିଲା ଓଜନ ଯନ୍ତ୍ରରେ ତ୍ରୁଟି

**ବ୍ରହ୍ମପୁର ଅଫିସ,୫।୧୧**

ଧନ୍‌ତେରସ୍‌ରେ ସୁନା କିଣିଲେ ଘରକୁ ଲକ୍ଷ୍ମୀ ଆସନ୍ତି ବୋଲି ଅନେକ ବିଶ୍ୱାସ କରିଥାନ୍ତି । ସେଥି ପାଇଁ ଏହି ଦିବସରେ ସୁନା ଦୋକାନଗୁଡ଼ିକରେ ଆଶାତିତ ଭିଡ଼ ଦେଖିବାକୁ ମିଳିଥାଏ। ଗୋଟିଏ ଦିନରେ ବହୁ କୋଟି ଟଙ୍କାର ବ୍ୟବସାୟ ହୁଏ। ବିଶେଷକରି ବ୍ରହ୍ମପୁର ସହରରେ ପ୍ରାୟ ୧୧୦ ସୁନା ଦୋକାନ ରହିଛି। ସୋମବାର ଅନେକ ଦୋକାନରେ ଗ୍ରାହକମାନେ ସୁନା କିଣିଥିଲେ । ତେବେ ଠିକ୍ ଏହି ଦିନରେ ହିଁ ସୁନା ଦୋକାନ ଉପରେ ଚଢ଼ାଉ କରାଯାଇଛି ।

ସୋମବାର ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ନେତୃତ୍ୱରେ ବ୍ରହ୍ମପୁର ମାପ ଓ ଓଜନ ବିଭାଗ ତରଫରୁ ସହରର ବିଭିନ୍ନ ସୁନା ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ବିଭାଗ ତରଫରୁ କୁହାଯାଇଛି ଯେ, ବର୍ଷର ଅନ୍ୟ ଦିନଗୁଡ଼ିକ ତୁଳନାରେ ଧନ୍‌ତେରସ୍‌ରେ ଅଧିକ ସୁନା ବିକ୍ରି ହୋଇଥାଏ। ଏଣୁ ଗ୍ରାହକମାନେ ଠକାମିର ଶିକାର ହେବାର ସମ୍ଭବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଚଢ଼ାଉ କରାଯାଇଥିଲା । ଦୋକାନରେ ଥିବା ଓଜନ ଯନ୍ତ୍ରଗୁଡ଼ିକ ପରୀକ୍ଷା ହୋଇ ଗୁଣବତ୍ତା ଯାଞ୍ଚ କରାଯାଇଥିଲା । ଚଢ଼ାଉ ବେଳେ ଦେଖା ଦେଇଥିଲା ଯେ, ଗ୍ରାହକମାନେ ଓଜନ ଯନ୍ତ୍ରର ସ୍ୱଚ୍ଛତା ଯାଞ୍ଚ କରୁନାହାନ୍ତି। ଦୋକାନୀଙ୍କ ଉପରେ ଭରସା କରି


ଏକ ସୁନା ଦୋକାନରେ ମାପ ଏବଂ ଓଜନ ବିଭାଗର ଚଢ଼ାଉ ଚାଲିଛି ।

ସୁନା କିଣୁଛନ୍ତି । ଏହାର ସୁଯୋଗ ନେଇ ଦୋକାନୀମାନେ ଠକୁଛନ୍ତି। ଗୋଟିଏ ଦୋକାନରେ ଓଜନ ଯନ୍ତ୍ରର ନବୀକରଣ କରାଯାଇ ନ ଥିଲା । ବୈଦ୍ଧତା ସରି ଯାଇଥିଲେ ମଧ୍ୟ ସେହି ଯନ୍ତ୍ରରେ ସୁନା ଓଜନ କରି ବିକ୍ରି କରାଯାଉଥିଲା। ଫଳରେ ଦୋକାନରୁ ୫ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି । ଚଢ଼ାଉରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର୍ ଗୋପାଳକୃଷ୍ଣ ଅଧିକାରୀ, ସହକାରୀ ନିୟନ୍ତ୍ରକ ବିନୟ କୁମାର ଦାସ, ବରିଷ୍ଠ ନିରୀକ୍ଷକ ସତ୍ୟଜିତ ବିଶ୍ୱାଳ ଏବଂ ଶିଶିର କୁମାର ସାହୁ ପ୍ରମୁଖ ରହିଥିଲେ। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ଉପଜିଲାପାଳ ପ୍ରକାଶ କରିଛନ୍ତି ।

ଅନ୍ୟପଟେ ଏହି ଚଢ଼ାଉକୁ ନେଇ ମଧ୍ୟ ସୁନା ଦୋକାନୀଙ୍କ ମହଲରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି । ବିଶେଷକରି ଧନ୍‌ତେରସ ଦିନ ଚଢ଼ାଉ ହୋଇଥିବା ଯୋଗୁ ନାନା ଚର୍ଚ୍ଚା ଚାଲିଛି। ସୁନା ଦର ବଢୁଥିବା ବେଳେ ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଛି। ବ୍ୟବସାୟମାନେ ଧନ୍‌ତେରସକୁ ଅପେକ୍ଷା କରିଥିଲେ। ଯଦି ଓଜନ ଯନ୍ତ୍ର ଯାଞ୍ଚ କରିବାର ଥିଲା, ତେବେ ପୂର୍ବରୁ କରିପାରିଥାନ୍ତେ । ଦୋକାନୀମାନେ ସର୍ବଦା ସହଯୋଗ କରିଥାନ୍ତି । କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଦିନରେ ଏହି ଚଢ଼ାଉକୁ ନେଇ ଦୋକାନୀ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

### ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ'

**ବ୍ରହ୍ମପୁର ଅଫିସ,୫।୧୧**

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ତରଫରୁ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ମହକ' ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଗଞ୍ଜାମ ଜିଲା ଡୁଡା ନିର୍ଦ୍ଦେଶକ ସବ୍ୟସାଚୀ ହୋତା ଯୋଗ ଦେଇଥିଲେ। ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନାତନ ମିଶ୍ର ଉପସ୍ଥିତ ଥିଲେ। ଶିଶୁ କଲ୍ୟାଣ ସମିତି ସଦସ୍ୟ ଡ. ଶ୍ୟାମକାନ୍ତ ଜେନା ଓ ହରିହର ପାଢୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ୭ ଶିଶୁ ଯତ୍ନ ଗୃହର ଅନ୍ତେବାସୀମାନେ ଭାଗ ନେଇଥିଲେ। ଜୁନିୟର୍ ଏବଂ ସିନିୟର୍ ବିଭାଗରେ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୮ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏମାନେ ଆସନ୍ତା ୯ତାରିଖରେ ଦକ୍ଷିଣାଞ୍ଚଳ ରାଜସ୍ୱ ଅଧୀନରେ ଥିବା ୧୦ ଜିଲାସ୍ତରୀୟ ପ୍ରତିଯୋଗିତାରେ ଗଞ୍ଜାମ ଜିଲାକୁ ପ୍ରତିନିଧିତ୍ୱ କରିବେ । ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡ଼ଙ୍ଗୀ, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସୁଶାନ୍ତ କୁମାର ସାହୁ, ଶିବ ପ୍ରସାଦ ରଥ, ସୁଦାମ ପାଣିଗ୍ରାହୀ, କାମେଶ୍ୱର ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ bmpselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



### ସେଲ୍‌ଫି କର୍ନର


@ ରଞ୍ଜନ


@ ଶ୍ରୀକାନ୍ତ


@ ଉତ୍ତମ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ଆନ୍ତଃ କଲେଜ ଦୌଡକୁଦ ପ୍ରତିଯୋଗିତା ଉଦ୍‌ଘାଟିତ

# ଭାଗନେଲେ ୩୮ କଲେଜର ୨୮୨ ପ୍ରତିଯୋଗୀ

**ବ୍ରହ୍ମପୁର ଅଫିସ,୫।୧୧**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ ୫୧ତମ ଦୌଡକୁଦ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ଦୁଇଦିନିଆ ପ୍ରତିଯୋଗିତାକୁ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, କୁଳସଚିବ ରଞ୍ଜନ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ପରିଷଦ ସମ୍ପାଦକ ପ୍ରଫେସର ପ୍ରସନ୍ନ କୁମାର ଦୀକ୍ଷିତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାର ପ୍ରଥମ ଦିବସରେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୯ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପୁରୁଷ ବର୍ଗରେ ୧୫୦୦, ୫୦୦୦ ମିଟର ଦୌଡ, ୪୦୦ ମିଟର ରିଲେ ଦୌଡ, ଡିସକସ୍ ଥ୍ରୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ବର୍ଗରେ ଡିସକସ୍ ଜାଭଲିନ ଥ୍ରୋ ପ୍ରତିଯୋଗିତା ହୋଇଥିବା ବେଳେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୧୦୦, ୨୦୦, ୪୦୦ ମିଟର ଦୌଡ, ୧୦୦ ମିଟର ରିଲେ ଦୌଡ, ସଟପୁଟ ଥ୍ରୋ, ଲମ୍ବଡିଆଁ, ଉଚ୍ଚଡିଆଁ ହୋଇଥିଲା। ଏଥିରେ ୩୮ ମହାବିଦ୍ୟାଳୟର ୨୮୨ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟର ୭୦ ରୁ ଊର୍ଦ୍ଧ୍ୱ ଅଫିସିଆଲ ଯୋଗଦେଇ ବିଭିନ୍ନ ପ୍ରତିଯୋଗୀତାକୁ ପରିଚାଳନା କରିଥିଲେ । କ୍ରିଡା ପରିଷଦର ସହ ସମ୍ପାଦକ ରଜେଶ ମହାନ୍ତି, କ୍ରୀଡା ଅଫିସର ରବିଚରଣ ମିଶ୍ରଙ୍କ ସମେତ ଅଶୋକ କୁମାର ଖଣ୍ଡା, ଉପେନ୍ଦ୍ର ନାରାୟଣ ମହାପାତ୍ର, ରାଜ କିଶୋର ମହାପାତ୍ର, ଡ. ପଦ୍ମନାଭ ସାମନ୍ତ, ଡ. ସତ୍ୟବ୍ରତ ପାତ୍ର, ଡ. ରବୀନ୍ଦ୍ର ନାଥ ସାହୁ, ମନୋଜ କୁମାର ତ୍ରିପାଠୀ, ମନୋଜ କୁମାର ଶତପଥୀ, ବିକ୍ରମ କୁମାର ପରିଡା, ଡ. ଶଙ୍କର ମାଝି, ଡ. ସୁଦାମ ପଣ୍ଡା, ଏଚ.କେ. ପାମୁଲୁଓ ଦୁଷ୍ମନ୍ତ କୁମାର ପାଢୀ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।


ପ୍ରତିଯୋଗୀମାନେ କ୍ରୀଡା ପ୍ରଦର୍ଶନ କରୁଛନ୍ତି ।

# ଗୋପାଳପୁରରେ ନିର୍ମାଣ ହେବ ଆୟୁଷ ହସ୍‌ପିଟାଲ

**ବ୍ରହ୍ମପୁର ଅଫିସ,୫।୧୧**

ବ୍ରହ୍ମପୁର ନିକଟସ୍ଥ ଆଙ୍କୁଶପୁର ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ(କେଏଟିଏସ) ପକ୍ଷରୁ ଧନ୍ୱନ୍ତରୀ ଜୟନ୍ତୀ ତଥା ତୃତୀୟ ଜାତୀୟ ଆୟୁର୍ବେଦ ଦିବସ ସୋମବାର ପାଳିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କଲେଜ ଅଧ୍ୟକ୍ଷ ଡା. ଈଶ୍ୱରୀ ପ୍ରସାଦ ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ସଞ୍ଜୟ କୁମାର ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସିଡିଏମଓ (ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ) ଡା. ସଦାନନ୍ଦ ମିଶ୍ର, ଆୟୁଷ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଡା. ନିଗମ ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଆୟୁର୍ବେଦ ହସପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଡା. ବିମଳ ପଣ୍ଡା ମଞ୍ଚାସୀନ ଥିଲେ । ଆୟୁର୍ବେଦର ପ୍ରଚାର ପ୍ରସାର କ୍ଷେତ୍ରରେ ରାଜ୍ୟ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆୟୁଷ ମନ୍ତ୍ରଣାଳୟର ଡେପୁଟି ଡାଇରେକ୍ଟର ଡା ନାୟକ ଆଲୋକପାତ କରି ଲୋକଙ୍କ ନିକଟରେ ଆୟୁର୍ବେଦ

### କେଏଟିଏସ୍‌ରେ ଆୟୁର୍ବେଦ ଦିବସ



କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି ।

- ଚିହ୍ନଟ ହୋଇଛି ୨ ଏକର ଜାଗା
- ମଞ୍ଜୁର ହୋଇଛି ୧୦.୫ କୋଟି
- ୬ ମାସ ମଧ୍ୟରେ ଦୂର ହେବ ମେଡିସିନ ଅଭାବ: ଆୟୁଷ ଡେପୁଟି ଡାଇରେକ୍ଟର

ଚିକିତ୍ସାକୁ ପହଞ୍ଚାଇବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ରାଜ୍ୟରେ ବର୍ତ୍ତମାନ ୧୪୮୫ ଆୟୁଷ ଡାକ୍ତର ରହିଥିବା ବେଳେ ୧୧୬୨ ଡାକ୍ତର ଆରବିଏସକେରେ କାର୍ଯ୍ୟରତ ଅଛନ୍ତି। ଏହା ବ୍ୟତୀତ ୫୩ ଆୟୁର୍ବେଦ ହସପିଟାଲର ଅପଗ୍ରେଡେଶନ ପାଇଁ ୨୦ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ଏହା ବ୍ୟତୀତ ରାଜ୍ୟରେ ବ୍ରହ୍ମପୁର, ଢେଙ୍କାନାଳ, ବାଲେଶ୍ୱରରେ ତିନୋଟି ନୂତନ ଆୟୁଷ ହସପିଟାଲ ଖୋଲାଯିବାକୁ ସ୍ଥିର ହୋଇଛି । ଢେଙ୍କାନାଳରେ ଆୟୁଷ ହସ୍‌ପିଟାଲର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବ୍ରହ୍ମପୁର ନିକଟସ୍ଥ ଗୋପାଳପୁରରେ ଆୟୁଷ ହସ୍‌ପିଟାଲ ନିର୍ମାଣ ପାଇଁ ୨ ଏକର ଜାଗା ଚିହ୍ନଟ କରାଯାଇଛି । ଏଥିପାଇଁ ୧୦.୫ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ଡେପୁଟି ଡାଇରେକ୍ଟର କହିଛନ୍ତି। ବ୍ରହ୍ମପୁର କେଏଏଟିଏସ ଆୟୁର୍ବେଦ ମହାବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ କାର୍ଯ୍ୟ ଚାଲୁ ଥିବା ବେଳେ ଆୟୁର୍ବେଦ ମହାବିଦ୍ୟାଳୟଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଆବଶ୍ୟକ ଅର୍ଥ ଯୋଗାଯାଇଛି । ରାଜ୍ୟରେ ଆୟୁର୍ବେଦ ଚିକିତ୍ସାଳୟ ଗୁଡିକରେ ରହିଥିବା ଅୟୁର୍ବେଦ ମେଡିସିନ ଅଭାବକୁ ଆସନ୍ତା ୫ ରୁ ୬ ମାସ ମଧ୍ୟରେ ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଇତ୍ୟବସରରେ ନୂତନ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ଶପଥପାଠ କରାଯାଇଥିଲା । ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁର୍ବେଦର ଭୂମିକା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମାଗଣା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇ ୩୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କୁ ମାଗଣା ଚିକିତ୍ସା ସହ ଆୟୁର୍ବେଦି ଔଷଧ ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଦେଷ୍ଟା ସୁରମା ମିଶ୍ର ଏହାକୁ ପରିଚାଳନା କରିଥିଲେ। ଏଥିରେ ଗୀତାଞ୍ଜଳି ସାହୁ ଓଡିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ସାବିତ୍ରୀ ପତି, ବିରୂପାକ୍ଷ ସାହୁ ଓ ପ୍ରାଚୀରେଖା ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମକର୍ତ୍ତା ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବୁଦ୍ଧଖୋଲ ଶୈବପୀଠରେ ଭକ୍ତଙ୍କ ଭିଡ଼



ବୁଗୁଡ଼ା,୫ା୧୧(ଡି.ଏନ.ଏ.): ବୁଗୁଡ଼ା ନିକଟସ୍ଥ ଶୈବପୀଠ ବୁଦ୍ଧଖୋଲରେ କାର୍ତ୍ତିକ ଦ୍ୱିତୀୟ ସୋମବାର ଅବସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ବୁଦ୍ଧଖୋଲରେ ଗଙ୍ଗାଧରେଶ୍ୱର, ଜଗଦୀଶ୍ୱର, ମକରେଶ୍ୱର, ସିଦ୍ଧେଶ୍ୱର ଓ ବୁଦ୍ଧେଶ୍ୱର ଆଦି ପଞ୍ଚ ମହାଦେବଙ୍କ ଦର୍ଶନ କରିବା ପାଇଁ ଭକ୍ତଙ୍କ ବେଶ ସମାଗମ ହୋଇଛି। ଏଥିସହ ବୁଦ୍ଧଖୋଲ ପ୍ରାକୃତିକ ମନୋରମ ଝରଣାର ଦୃଶ୍ୟ ଓ ବିରାଟ ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦେଖିବାକୁ ଭକ୍ତଙ୍କ ମଧରେ ଖୁସି ଦେଖାଯାଉଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ବୁଦ୍ଧଖୋଲ ଉନ୍ନୟନ ସମିତିର ସଭ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଠାରେ ବହୁ ଭକ୍ତଙ୍କ ସମାଗମ ହୋଇଛି।

### ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଚନ୍ଦ୍ରଶେଖର

ଆର.ଉଦୟଗିରି,୫ା୧୧(ଡି.ଏନ.ଏ.): ଆର.ଉଦୟଗିରି ବ୍ଲକର ବିଭିନ୍ନ ଅଞ୍ଚଳ ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ଆଞ୍ଜରବା, ଜାମଢ଼ୋଲା, ବାଲିଡ଼ି, ଫୁଲସରା, ଥାଟରାଜ କଲୋନୀ, ବଡ଼ଗାତ ଓ ଚାଅଁଡ଼ାଖତ ଗ୍ରାମର ବହୁ ଲୋକଙ୍କୁ ସମସ୍ୟା ପଚାରି ବୁଝିଥିଲେ। ଥାଟରାଜ କଲୋନୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ସତ୍ତ୍ୱେ ଆରଆଇ ଆଂଶିକ କ୍ଷତି ଦର୍ଶାଇଥିବା କଲୋନୀ ବାସିନ୍ଦା ଅଭିଯୋଗ କରିଥିଲେ। ସେହିପରି ଚାଅଁଡ଼ାଖତରେ ପୋଲ ପଡ଼ିଯାଇ ପ୍ରାଣ ହରାଇଥିବା ପିଲାଙ୍କ ପରିବାରକୁ କୌଣସି କ୍ଷତିପୂରଣ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ଚନ୍ଦ୍ରଶେଖରଙ୍କ ପରିଦର୍ଶନ ବେଳେ ମୋହନା ବିଧାୟିକା ବାସନ୍ତୀ ମଲିକ, ଜଗବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ତାରିଣୀ ଗୌଡ଼ ଓ ଝାମ୍ପୁରା ରଇତ ପ୍ରମୁଖ ଉପସ୍ଥିତ ଥିଲେ।

### ଶୌଚାଳୟ ନିର୍ମାଣ ପାଇଁ ବିପର୍ଯ୍ୟସ୍ତ ରାସ୍ତା ପ୍ରତିବନ୍ଧକ

ବୁଗୁଡ଼ା,୫ା୧୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ କିରିଆମ୍ବା ଆଦିବାସୀ ଗ୍ରାମରେ ଶୌଚାଳୟ ନିର୍ମାଣ ପାଇଁ ଗ୍ରାମବାସୀ କାର୍ଯ୍ୟାଦେଶ ପାଇଥିଲେ ମଧ ରାସ୍ତାଘାଟ ବିପର୍ଯ୍ୟସ୍ତ ଯୋଗୁ ଉକ୍ତ ଗ୍ରାମକୁ ନିର୍ମାଣ ସାମଗ୍ରୀ ଯାଇପାରୁନଥିବାରୁ ଶୌଚାଳୟ ନିର୍ମାଣ ହୋଇପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ପୁଣି କିରିଆମ୍ବା ଗ୍ରାମରେ ବାହ୍ୟ ମଳମୁକ୍ତ ତଥା ଶୌଚାଳୟ ନିର୍ମାଣ ଦିଗରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କରଚୁଲି ପଞ୍ଚାୟତର ନାଏବ ସରପଞ୍ଚ ପ୍ରସନ୍ନ ପଲାଇ, ୱାର୍ଡସଭ୍ୟ ବାସୁଦେବ ନାୟକ ଓ ସ୍ୱଚ୍ଛତା ମିଶନର ପ୍ରବର୍ତ୍ତକ ନୃସିଂହ ଚରଣ ଦାଶ ପ୍ରମୁଖ ଗ୍ରାମବାସୀଙ୍କୁ ଶୌଚାଳୟ ନିର୍ମାଣ ପାଇଁ ସଚେତନ କରିଥିଲେ। କିନ୍ତୁ ଉକ୍ତ ଗ୍ରାମର ୫୬ ପରିବାର ତାଙ୍କ ଗ୍ରାମକୁ ଥିବା ରାସ୍ତା କାଦୁଅ, ଖାଲ ଢିପରେ ବିପର୍ଯ୍ୟସ୍ତ ହୋଇଥିବାରୁ ଏହି ରାସ୍ତା ଦେଇ କୌଣସି ଯାନବାହାନ ନ ଆସିବା ଫଳରେ ସେମାନେ କୌଣସି ସାମଗ୍ରୀ ପାଇପାରୁନାହାନ୍ତି। ଏପରିକି ସ୍ୱାସ୍ଥ୍ୟ ଖରାପ ହେଲେ ମଧ ଦୋଳାରେ ରୋଗୀଙ୍କୁ ନେବାକୁ ପଡୁଛି। ତେଣୁ ଏ ପ୍ରକାର ପରିସ୍ଥିତିରେ କିପରି ଶୌଚାଳୟ ନିର୍ମାଣ କରିବେ ସେ ନେଇ ବୈଠକରେ ଗ୍ରାମବାସୀ କହିଥିଲେ।

### ବିସିଏ ବିଭାଗର ପାଠଚକ୍ର

ଚିକିଟି,୫ା୧୧(ଡି.ଏନ.ଏ.): ଚିକିଟିଗଡ ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ବିସିଏ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ବିସିଏ ବିଭାଗର ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆନନ୍ଦ ମହାରଣା, ସୁନିଲ କୁମାର ପାଢୀ ପ୍ରମୁଖ ଯୋଗଦେଇ ଏହି ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିସିଏ ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧରେ କମ୍ପ୍ୟୁଟର ଟେକ୍ନୋଲୋଜି ଉପରେ ପ୍ରବନ୍ଧ ଅନୁଷ୍ଠିତ ହୋଇଥିଲା। ଅଧାପକ ଦେବାଶିଷ ପାଢୀ, ବାଙ୍କେଶ୍ୱରୀ ପାଣିଗ୍ରାହୀ, କାହ୍ନୁଚରଣ ବେହେରା, ଅଧାପିକା ପଦ୍ମିନି ରାଉଳ ପ୍ରମୁଖ ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିସିଏ ବିଭାଗର ସମସ୍ତ ଅଧାପିକା, ଅଧାପକ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା ଶିକ୍ଷାକେନ୍ଦ୍ର

# ଅଧ୍ୟାପକ ବଦଳି ପ୍ରତିବାଦରେ ଆନ୍ଦୋଳନ

କନିଷି,୫ା୧୧(ଡି.ଏନ.ଏ.)

ଦକ୍ଷିଣ ଓଡ଼ିଶାର ଏକମାତ୍ର ପ୍ରମୁଖ ଶିକ୍ଷାନୁଷ୍ଠାନ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠ ନିକଟରେ ଥିବା ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା କେନ୍ଦ୍ରରେ ଶିକ୍ଷା (ସ୍ନାତକ) ବିଇଡି ଶିକ୍ଷା (ସ୍ନାତକୋତ୍ତର) ଏମ୍‌ଇଡି ଓ ଶିକ୍ଷା (ଏମଫିଲ)ରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଫଳରେ ଆଗାମୀ ଶିକ୍ଷାବର୍ଷରେ ଏହି ଅନୁଷ୍ଠାନକୁ କେନ୍ଦୁଝର, କଟକ, ପୁରୀ, ଭୁବନେଶ୍ୱର, ସମ୍ବଲପୁର ସମେତ ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ନାମ ଲେଖାଇବାକୁ ଥିବାରୁ ଶିକ୍ଷକ ନଥିଲେ କିଭଳି ପାଠ ପଢ଼ାଯିବ ସେ ନେଇ ସୋମବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଅଞ୍ଚଳବାସୀ ଓ ଗଞ୍ଜାମ ଜିଲା ବିକାଶ ମଞ୍ଚ ସଦସ୍ୟମାନେ ବିଇଡି କଲେଜ ସମ୍ମୁଖରେ ବସି ଆନ୍ଦୋଳନ କରିଥିଲେ। ଏହି ସମୟରେ ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା କେନ୍ଦ୍ରରେ ଜଣେ ହେଲେ ଅଧାପକ କିମ୍ବା




ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନ।

ଶିକ୍ଷକ ଆସିନଥିଲେ। ଏନେଇ ଅଧ୍ୟକ୍ଷ ରାଜ କିଶୋର ମିଶ୍ରଙ୍କୁ ଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ। ସେ କହିଥିଲେ ମୋତେ ପୁରୀ ଜିଲା ଏସ୍ଏସ୍ କଲେଜକୁ ସରକାର ପଠାଇଛନ୍ତି। କିଛି ସମୟ ପରେ ଅଧାପିକା ଡ. ଗାୟତ୍ରୀ ମହାନ୍ତିଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିବା ପରେ କହିଥିଲେ ଆମେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏହି ବିଷୟରେ ଜଣାଇଥିଲେ ସୁଦ୍ଧା କିଛି ସମାଧାନ ହୋଇପାରୁନାହିଁ। କିଛିଦିନ ତଳେ ୨ଜଣ ଅଧାପିକାଙ୍କୁ ଏଠାରୁ ଭୁବନେଶ୍ୱର ବଦଳି କରାଯାଇଛି। ମାତ୍ର ୨ଜଣ ଅଧକ୍ଷ ଶିକ୍ଷାଦାନ କରୁଛନ୍ତି। ଏହିଭଳି ସ୍ଥିତିରେ ୨୦୧୯ ମସିହା ଜାନୁଆରୀ ୧ ତାରିଖରେ ଅଧକ୍ଷ ଅବସର ନେବେ। ଫଳରେ ଜଣେ ମାତ୍ର ଶିକ୍ଷକଙ୍କୁ ନେଇ ଅନୁଷ୍ଠାନ ଚାଲିବ। ପିଲାଙ୍କୁ କିଭଳି ଶିକ୍ଷାଦାନ କରାଯିବ ସେନେଇ ସୋମବର ଗଞ୍ଜାମ ଜିଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଉପଦେଷ୍ଟା ଶିବ ପ୍ରସାଦ ମିଶ୍ର, ନିରଞ୍ଜନ ଦାଶ, ସତୀଶ ପାଣିଗ୍ରାହୀ, ରଙ୍ଗେଇଲୁଣ୍ଡା ବ୍ଲକ ଭାଜପା ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ପୂର୍ବତନ ସମିତିସଭ୍ୟ ରଜତ କୁମାର ପଣ୍ଡିତଙ୍କ ସମେତ ବହୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବଦଳି ହୋଇଥିବା ଅଧାପିକା, ଅଧାପକଙ୍କୁ ବଦଳି ନ କରିବା ପାଇଁ ସେମାନେ ଦାବିପତ୍ର ମାଧ୍ୟମରେ ଜଣାଇଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଓ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫେରେନ୍ସିଂ

# ମାଟ୍ରିକ ମେଧା ଛାତ୍ରୀଛାତ୍ରଙ୍କ ସହ କଥାବାର୍ତ୍ତା

ହିଞ୍ଜିଳିକାଟୁ, ୫ା୧୧(ଡ଼ି.ଏନ୍.ଏ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ରାଜ୍ୟର ସମସ୍ତ ବ୍ଲକ ସହ ସଧାସଳଖ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇ ଆଲୋଚନା କରିଛନ୍ତି। ଏହି କ୍ରମରେ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ଗତ ମାଟ୍ରିକ ପରୀକ୍ଷାରେ ବ୍ଲକର ୧ଶହ ଓ ପୌରାଞ୍ଚଳର ୫୦ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଓ ୧୫ଜଣଙ୍କୁ ମାତୃଭାଷା ଓଡ଼ିଆରେ ଶ୍ରେଷ୍ଠ ମାର୍କ ପାଇଁ ପ୍ରତ୍ୟେକଙ୍କୁ ୫ହଜାର ସହାୟତା ପ୍ରଦାନ କରାଯାଇଛି। ଭିଡିଓ କନେଫେରେନ୍ସିଂରେ ମୁଖ୍ୟମନ୍ତ୍ରୀଙ୍କୁ ଭାଷାବୃତ୍ତି ପାଇଥିବା ଛାତ୍ରୀ ଅରୁନ୍ଧତୀ ପଣ୍ଡା ଓ ମେଧାବୃତ୍ତି ପାଇଥିବା ଛାତ୍ର ମାନସ ରଞ୍ଜନ ଜେନାଙ୍କ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଭାଷାବୃତ୍ତି ଓ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ର ଖୁସି ଅଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର 'ହଁ' କହିଥିଲେ। ଏଥିସହ ସରସ୍ୱତୀ ଶିଶୁ ମନ୍ଦିର ହିଞ୍ଜିଳିକାଟୁ, ସତ୍ୟଭାମା ନୋଡ଼ାଲ ବିଦ୍ୟାପୀଠ ବଡ଼ଖଣ୍ଡି,ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦିକ ଓ ଗଣେଶ ବିଦ୍ୟାପୀଠ ଗଣ୍ଡଳାକୁ ଶ୍ରେଷ୍ଠ ହାଇସ୍କୁଲ ଭାବେ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫେରେନ୍ସିଂ କାର୍ଯ୍ୟକ୍ରମ ବ୍ଲକର ସଭାଗୃହରେ ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥ, ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ସୁରେନ୍ଦ୍ର ପ୍ରଧାନ, ଡି ବିଶ୍ୱନାଥଙ୍କ ସହ ବହୁ ଜନ ପ୍ରତିନିଧି. ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ।




ମୁଖ୍ୟମନ୍ତ୍ରୀଙ୍କ ସହ ଛାତ୍ରୀ ଛାତ୍ର ନିଜ ଅନୁଭୂତି କହୁଛନ୍ତି।

## ■ ତିତ୍‌ଲିକୁ ମାସେ ପୂରିବ

# ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାର





କ୍ଷତିଗ୍ରସ୍ତ ପରିବାର।

ଚିକିଟି,୫ା୧୧(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ତିତ୍‌ଲି ପ୍ରଭାବରେ ବର୍ଷା ଓ ପବନରେ ବହୁ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ବାତ୍ୟାକୁ ମାସେ ପୂରିବାକୁ ଯାଉଥିଲେ ସୁଦ୍ଧା ଏଯାବତ ସେମାନଙ୍କୁ ସରକାରୀ ସୁବିଧା ମିଳିପାରି ନ ଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ପରିବାର ତହସିଲ୍ ଓ ବ୍ଲକ୍ ପ୍ରଶାସନ ନିକଟକୁ ଧାଇଁ ଧାଇଁ ନିରାଶ ହେଉଛନ୍ତି। ଚିକିଟି ବ୍ଲକ୍‌ର ୧୭ଟି ପଞ୍ଚାୟତର ୩୭୫୬ ପରିବାର ପ୍ରଭାବିତ ହୋଇଥିଲେ। ସରକାର ପ୍ରତି ପରିବାରର ବୟସ୍କ ଲୋକଙ୍କୁ ମୁଣ୍ଡପିଛା ୬୦ ଟଙ୍କା ଓ ଶିଶୁମାନଙ୍କୁ ୪୫ ଟଙ୍କାର ରିଲିଫ ଦେବେ ବୋଲି ଘୋଷଣା କରିଥିଲେ। ଏଯାବତ୍ ଘୋଷଣା ମୁତାବକ କ୍ଷତିପୂରଣ ପାଇନାହାନ୍ତି । ଏହାକୁ ନେଇ ବିରୋଧି ଦଳ ଅସନ୍ତୋଷ ପ୍ରକାଶ କରିଛି। ସେହିପରି ଉକ୍ତ ବ୍ଲକ୍‌ର ୧୯୬୦ ଚାଷୀଙ୍କ ୧୧ହଜାର ୫୧୬ ହେକ୍ଟର ଜମି ପ୍ରଭାବିତ ହୋଇଛି। ସରକାରଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷତିପୁରଣ ନ ମିଳିବାରୁ ଚାଷୀ କାମଧନ୍ଦା ପାଇଁ ଗାଁ ଛାଡୁଥିବା ଦେଖିବାକୁ ମିଳୁଛି । କ୍ଷୟକ୍ଷତିର ଠିକ୍ ଆକଳନ କରିବା ଲାଗି ସରକାର ତହସିଲ୍‌ଦାର ଓ ଆର୍‌ଆଇମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ସରକାରଙ୍କ ନିର୍ଦ୍ଦେଶକୁ ଖାତିରି କରୁନଥିବା ଯୋଗୁଁ ବର୍ତ୍ତମାନ ଚାଷୀମାନେ କ୍ଷତିପୁରଣ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନିରାଶ ଓ କ୍ଷତିଗ୍ରସ୍ତ ହୋଇଥିବା ଚାଷିଙ୍କ ସହାୟତା ପ୍ରଦାନ ଲାଗି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ବ୍ଲକ୍‌ର ୧୦୪୮ ଘର ତିତ୍‌ଲି ପ୍ରଭାବରେ ବର୍ଷା ଓ ପବନରେ ଭାଙ୍ଗି ଯାଇଥିବା ସରକାରଙ୍କୁ ରିପୋର୍ଟ ଦିଆଯାଇଛି । ସେହି ମୁତାବକ ଅର୍ଥ ମଞ୍ଜୁର ହୋଇ ଆସିଲେ ଲୋକଙ୍କୁ ସହାୟତା ଦିଆଯିବ ବୋଲି କହିଛନ୍ତି । ଏନେଇ ଏବିଡିଓ ରମାକାନ୍ତ ସାହୁଙ୍କୁ ପଚାରିବାରୁ ରିଲିଫ ପାଇଁ ଆକଳନ ଚାଲିଛି, ସରିଲା ପରେ ଆକାଉଣ୍ଟକୁ ଟଙ୍କା ପଠାଯିବ।

### ଯୁଗ୍ମ ଜନଶୁଣାଣିରେ ୨୭୦ ଅଭିଯୋଗ

ପାରଳାଖେମୁଣ୍ଡି, ୫ା୧୧ (ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଟାଟିପେଟି ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ୨୪୦ଟି ବ୍ୟକ୍ତିଗତ ଓ ୩୦ଟି ସାମୂହିକ ଅଭିଯୋଗ ଶୁଣାଣି ହୋଇଥିଲା । ଗୁରାଣ୍ଡି ଗ୍ରାମରେ ଥିବା ମଦ ଦୋକାନ ବନ୍ଦ କରିବା ନିମନ୍ତେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଠାରେ ଅବକାରୀ ବିଭାଗର କୌଣସି ଅଧିକାରୀ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ତିତ୍‌ଲି ଦ୍ୱାରା ଭାଙ୍ଗିରୁଜି ଯାଇଥିବା ବାସଗୃହ କ୍ଷତିପୂରଣ ଓ ଆବାସ ଗୃହ ଯୋଗାଇଦେବାକୁ ଦାବି କରାଯାଇଥିଲା। ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଥିଲେ।

### ଗଡ଼ିଲା ସଚେତନତା ରଥ

ପାରଳାଖେମୁଣ୍ଡି, ୫ା୧୧(ସ୍ୱ.ପ୍ର.): ଗଜପତି ଜିଲାରେ ବାତ୍ୟା ପରବର୍ତ୍ତୀ ପରିମଳ ବ୍ୟବସ୍ଥା ସଜାଡ଼ିବା ପାଇଁ ସ୍ୱଚ୍ଛ ଓ ସୁସ୍ଥ ଗଜପତି ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲାପାଳ ଅନୁପମ ଶାହା ସୋମବାର ଏହି ରଥର ଶୁଭାରମ୍ଭ କରି କହିଛନ୍ତି, ବାତ୍ୟା ପରେ ଜିଲାର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳି ପରିସ୍ଥିତିରେ ଲୋକେ ଯେଭଳି ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦେବେ ଓ କୌଣସି ରୋଗ ନ ବ୍ୟାପିବ ସେ ସମ୍ପର୍କରେ ଏହି ରଥ ସଚେତନ କରିବ।

# ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ନେଇ ସଚେତନତା ଶିବିର

କୋଦଳା,୫ା୧୧(ଡି.ଏନ୍.ଏ.)

ବେଗୁନିଆପଡ଼ା ବ୍ଲକ ଫାସି ପଞ୍ଚାୟତରେ ସୋମବାର ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶାକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ନବୀନ କୁମାର ଦଳାଇଙ୍କ ଦ୍ୱାରା ଆୟୋଜି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ଜିପିଓ ନାରାୟଣ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହାୟକ ଯନ୍ତ୍ରୀ ମମତା ପଣ୍ଡା ଯୋଗ ଦେଇଥିଲେ। ଆଖପାଖ ୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏସ୍ଏସ୍‌ଜି ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଫାସି ପଞ୍ଚାୟତର ସମସ୍ତ ସାହିରେ ବୁଲି ସ୍ଲୋଗାନ ଦେବା ସହ ଶୋଭାଯାତ୍ରା କରିଥିଲେ ଏବଂ ଘରେ ଘରେ ପହଞ୍ଚି ପରିମଳ ସୁରକ୍ଷା ଦ୍ୱାରା ସୁସ୍ଥ ସ୍ୱାସ୍ଥ୍ୟ ସହ ସୁସ୍ଥ ଓଡ଼ିଶା କିପରି ହୋଇପାରିବ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବ୍ଲକର ସମସ୍ତ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ପରିଚାଳନା କରିବା ସହ ଗ୍ରାମବାସୀ ସହଯୋଗ କରିଥିଲେ।




ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

### ବ୍ରାହ୍ମଣ ମହାସଂଘର ଜୋନ୍‌ସ୍ତରୀୟ ବୈଠକ

ଆସିକା,୫ା୧୧(ଡି.ଏନ୍.ଏ.)

ଆସିକା ବ୍ଲକ୍ ବ୍ରାହ୍ମଣ ମହାସଂଘର ଏକ ଜୋନ୍ ସ୍ତରୀୟ ବୈଠକ ରବିବାର ଦିନ ଭେଟନଇ ନିକଟସ୍ଥ କଙ୍କଣଦେବୀ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ବ୍ଲକର ବାବନପୁର, ଖାରିଆ, ଆଲିପୁର, ସିଦ୍ଧନୟୀ, ଭେଟନଇ, ପାଣ୍ଡିଆପଥର, ବଡଖୋଲି ଆଦି ପଞ୍ଚାୟତର ପ୍ରତିନିଧି ସାମିଲ୍ ଥିଲେ। ବନମାଳି ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ବ୍ରାହ୍ମଣ ମହାସଂଘ ସଭାପତି ଲକ୍ଷ୍ମୀ ନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ରୂପେ ଜିଲା ଉପ-ସଭାପତି ଇଂ. ସୀମାଞ୍ଚଳ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ପର୍ଶୁରାମ ବାହିନୀ ଏବଂ ସଭାପତି ପ୍ରତାପ କୁମାର ମିଶ୍ର, ଧରାକୋଟ ବ୍ଲକ୍ ସଭାପତି ନିରୋଜ କୁମାର ପାଢୀ, ସୁରେନ୍ଦ୍ରନାଥ ମିଶ୍ର, ସିତାରାମ ମୋହିନୀ ପ୍ରମୁଖ ଯୋଗଦେଇଥିଲେ। ଆସିକା ବ୍ରାହ୍ମଣ ମହାସଂଘର ସଭାପତି ଗଙ୍ଗାଧର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଭାଗିରଥି ଷଡଙ୍ଗୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସରକାରୀ ସଂରକ୍ଷଣ ନୀତିରେ ବ୍ରାହ୍ମଣମାନେ ଉପେକ୍ଷିତ ହୋଇ ଦିନକୁ ଦିନ ତଳିତଳାନ୍ତ ଅବସ୍ଥାକୁ ଚାଲିଯାଇଥିବା ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା। ଅର୍ଥନୈତିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବା, ମେଧା ପ୍ରତି ଗୁରୁତ୍ୱାରୋପ କରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବ୍ରାହ୍ମଣ ପିଲାଙ୍କୁ ସୁଯୋଗ ଦେବା, ଅର୍ଥନୈତିକ ଅନଗ୍ରସର ବ୍ରାହ୍ମଣ ପରିବାରକୁ ସରକାରୀ ସହାୟତା ଓ ସରକାରୀ ବ୍ୟବସ୍ଥାରେ ଛିନ୍ନ ହୋଇଥିବା ଗଣତାନ୍ତ୍ରିକ ଅଧିକାରକୁ ପୁନଃ ଫେରସ୍ତ ଦିଗରେ ସରକାର ତୁରନ୍ତ ଧ୍ୟାନ ଦେବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା। ବ୍ରାହ୍ମଣମାନେ ଏହି ନୀତିଗତ ଦାବି ହାସଲ ଲାଗି ସଂଗଠିତ ଭାବେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।



ବ୍ରାହ୍ମଣ ସମାଜର ବୈଠକ।

# ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ

ଦିଗପହଣ୍ଡି,୫ା୧୧(ଡି.ଏନ.ଏ.)

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରବିବାର ଦିଗପହଣ୍ଡି ଏନ୍ଏସି ୮ନଂ. ୱାର୍ଡର ୨୩୮ ପରିବାରଙ୍କୁ ୯ ଲକ୍ଷ ୨୬ ହଜାର ଟଙ୍କାର ତିତ୍‌ଲି କ୍ଷତିପୂରଣ ଆର୍ଥିକ ସହାୟତା ଚିଠା ବଣ୍ଟନ କରିଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସକ ଡ. ସୁପ୍ରଭା ସାହୁ ସମ୍ମାନିତ ଅତିଥି ଥିଲେ। ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦିଗପହଣ୍ଡି ଏନ୍ଏସି ଅଧୀନ ବିଭିନ୍ନ ସାହି ବସ୍ତିର ୬୧୨ ହିତାଧିକାରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ପରେ ମନ୍ତ୍ରୀ ଖମାରିଗାଁ ପଞ୍ଚାୟତ ଗୋଲଣ୍ଠା ଗ୍ରାମରେ ଆୟୋଜିତ ବିଜେଡିର ଜନ ସମ୍ପର୍କ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଯୁବ ବିଜେଡି ବ୍ଲକ ସଭାପତି ଚିତ୍ରସେନ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ନିରଞ୍ଜନ ରେଡ୍ଡୀ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ରଞ୍ଜନ ପାଣିଗ୍ରାହୀ, ସଞ୍ଜୟ ପାଣିଗ୍ରାହୀ, ସରପଞ୍ଚ ବିଭୂତି ଭୁଷଣ ମହାପାତ୍ର, ରବୀଚନ୍ଦ୍ର ଗୌଡ଼, ରାଧାକାନ୍ତ ମହାକୁଡ଼, ଶିବ ଶଙ୍କର ଗୌଡ଼, ସରସ୍ୱତୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଗ୍ରାମର ୫ଟି ମହିଳା ଗୋଷ୍ଠୀଙ୍କୁ ମିଳିତ ଦେୟ ଗୋଷ୍ଠୀ ଜେଏଲଜି ଯୋଜନାରେ ୩ ଲକ୍ଷ ୫୦ ହଜାର ଟଙ୍କାର ସମବାୟ ଋଣ ବଣ୍ଟନ କରିଥିଲେ। ପଞ୍ଚାୟତ ବିଭିନ୍ନ ଗ୍ରାମର ୪୬ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ରାତି ପ୍ରାୟ ୭ଟାରେ ମନ୍ତ୍ରୀ ପଦ୍ମନାଭପୁର ଗ୍ରାମରେ ପହଞ୍ଚି ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ନିମନ୍ତେ ଶିଳାନ୍ୟାସ କରିଥିଲେ। ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଆମ ଘର ଆମ ଏଲ୍‌ଇଡି ବଲ୍‌ବ ଯୋଜନାରେ ରାଶନକାର୍ଡ ହିତାଧିକାରୀଙ୍କୁ ବଲବ, ରାଶନକାର୍ଡ ଏବଂ ମହିଳା ଗୋଷ୍ଠୀଙ୍କୁ ସମବାୟ ଋଣ ବଣ୍ଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ଦୋରା, ସମିତିସଭ୍ୟ ସୁଶାନ୍ତ ସେଠୀ, ବି. ରାମା ରାଓ, ୟୁ. ସୂର୍ଯ୍ୟନାରାୟଣ, ଲମ୍ବୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।




ପଦଯାତ୍ରାରେ ମନ୍ତ୍ରୀ ଓ ଅନ୍ୟମାନେ।

# ବାଟାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

## ସରପଞ୍ଚଙ୍କ ବିରୋଧରେ ଆଣିଲେ ଅନାସ୍ଥା ପ୍ରସ୍ତାବ

**ବାଲିଗୁଡ଼ା,୫।୧୧(ଡି.ଏନ୍.ଏ.)**

ବାଲିଗୁଡ଼ା ବ୍ଲକ ବାଟାଗୁଡ଼ା ପଞ୍ଚାୟତ ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟକଳାପ ଓ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ଚାଲିଥିବା ଅଭିଯୋଗ ଆଣି ପଞ୍ଚାୟତର ୧୪ଟି ୱାର୍ଡ ମଧ୍ୟରୁ ୧୧ଟି ୱାର୍ଡର ମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣି ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବାଟାଗୁଡ଼ା ସରପଞ୍ଚ ମେନକା ମଳିକ ସରପଞ୍ଚ ହେବାଦିନରୁ ବାଟାଗୁଡ଼ା ପଞ୍ଚାୟତରେ କୌଣସି ପ୍ରକାର ଉନ୍ନତି ମୂଳକ କାର୍ଯ୍ୟକ୍ରମ କରି ନାହାନ୍ତି। ସରକାରଙ୍କଠାରୁ ଆସୁଥିବା ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ବଣ୍ଟନ କରୁନାହାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଶ୍ରମିକମାନଙ୍କୁ କାମ ଦିଆଯାଉ ନାହିଁ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାତର ଅନ୍ତର ଅଭିଯୋଗ, ସ୍ଥାନୀୟ ବାସିନ୍ଦାଙ୍କୁ ପରିଚୟ ପତ୍ରରେ ସ୍ୱାକ୍ଷର କରୁନାହାନ୍ତି। ଯୋଗ୍ୟ ବ୍ୟକ୍ତିମାନଙ୍କୁ ଭତ୍ତାରୁ ବଞ୍ଚିତ କରୁଛନ୍ତି। ଏହି ୧୧ଜଣ ୱାର୍ଡ ମେମ୍ବର ଆହୁରି ଅଭିଯୋଗ ଆଣିଛନ୍ତି ଯେ, ସେମାନଙ୍କୁ ପଞ୍ଚାୟତର କୌଣସି ସଭା ସମିତି କିମ୍ବା କୌଣସି କାର୍ଯ୍ୟକ୍ରମକୁ ମଧ୍ୟ ଡକାଯାଉ ନଥିବା ଭଳି ବିଭିନ୍ନ ଅଭିଯୋଗ ଆଣିଛନ୍ତି ୧୧ ୱାର୍ଡ ମେମ୍ବର ସହ ନାଏବ ସରପଞ୍ଚ ପ୍ରଦୀପ ମଳିକ। ଏହି ସମସ୍ତ ଅଭିଯୋଗ ପୂର୍ବରୁ ବାଲିଗୁଡ଼ା ଉପଜିଲାପାଳ ଓ ବିଡିଓଙ୍କୁ ବାରମ୍ବାର ଜଣାଯାଇଥିଲେ ମଧ୍ୟ ଅଦ୍ୟାବଧି ସୁଦ୍ଧା କୌଣସି ପ୍ରକାରେ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ବାଧ୍ୟ ହୋଇ ତାଲା ପକାଯାଇଥିବା ନାଏବ ସରପଞ୍ଚ ମଳିକ ପ୍ରକାଶ କରିଛନ୍ତି। ଖବର ପାଇ ବିଡିଓଙ୍କ ଅନୁପସ୍ଥିତି ଥିବା ଯୋଗୁ ଅନ୍ୟ ୨ କର୍ମଚାରୀ ଓ ପୋଲିସ ସଦଳ ବଦଳ ଘଟଣା ସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ।ଏଥିରେ ବିଫଳ ହେବାରୁ ସନ୍ଧ୍ୟା ପର୍ଯ୍ୟନ୍ତ ତାଲା ପଡ଼ି ରହିଥିଲା। ୱାର୍ଡ ମେମ୍ବର ମାନେ ନିଜ ଦାବି ତୁରନ୍ତ ସମାଧାନ ପାଇଁ ଜିଦ୍‌ଧରି ବସିଥିଲେ।


୧୧ ୱାର୍ଡ ମେମ୍ବରମାନେ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି।

# ଭାଜପା ପକ୍ଷରୁ କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ

**ଫୁଲବାଣୀ ଅଫିସ, ୫।୧୧**

ରାଜ୍ୟ ସଂଗଠନର ଆହ୍ୱାନକ୍ରମେ ସୋମବାର ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟ ଘେରାଉ କରାଯାଇଛି।ମୋର୍ଚ୍ଚାର ଶତାଧିକ ସଦସ୍ୟ ଶୋଭାଯାତ୍ରାରେ ମାଦିକୁଦା ଛକରୁ ବାହାରି ସହର ପରିକ୍ରମା କରିବା ପରେ ନିୟୋଜନ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। ନେତା ଓ କର୍ମୀମାନେ ବିଜେଡି ସରକାରଙ୍କ ଯୁବ ଓ ନିଯୁକ୍ତି ନୀତିର ସମାଲୋଚନା କରିଥିଲେ। ନିଯୁକ୍ତି ମେଳା ନାମରେ ୪୧ ହଜାର ବେକାରଙ୍କଠାରୁ ଏକ ଶହ ଟଙ୍କା ଲେଖାଏଁ ଆଦାୟ କରାଯାଇଛି। ସେହିପରି ଓଡିଶାରେ ଶିଳ୍ପକ୍ଷେତ୍ରରେ ନିଯୁକ୍ତିରେ ଓଡିଆଙ୍କୁ ଅଣଦେଖା କରାଯାଉଛି। ନିଯୁକ୍ତି କ୍ଷେତ୍ରକୁ ପ୍ରାଥମିକତା ଦିଆ ନ ଯିବା, କେନ୍ଦ୍ର ନିଯୁକ୍ତି ସୃଷ୍ଟି କରିବାକୁ ଚାହୁଁଥିଲେ ବି ରାଜ୍ୟ ସରକାର ଏଥିରେ ବାଧା ସୃଷ୍ଟି କରୁଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଯୁବ ମୋର୍ଚ୍ଚାର ସଦସ୍ୟମାନେ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ସହ ଗେଟରେ ତାଲା ପକାଇ ଦେଇଥିଲେ। ଯୁବ ମୋର୍ଚ୍ଚା ସଭାପତି ରଞ୍ଜୀତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଲିଙ୍ଗରାଜ ଦଳବେହେରା, ସମ୍ପାଦକ ଭଗବାନ ମହାନ୍ତି, ପୂର୍ବତନ ବିଧାୟକ କରେନ୍ଦ୍ର ମାଝି, ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବୀରେନ୍ଦ୍ର ସାହୁ, ଦଶରଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବ ନାରାୟଣ ପ୍ରଧାନ, ଜିଲା ସଂପାଦକ ତପନ ପାତ୍ର, ଯୁବ ମୋର୍ଚ୍ଚା ସଂପାଦକ ସୁଧାଂଶୁ ଗୁରୁ ପ୍ରମୁଖ ସାମିଲ ଥିଲେ।


ଯୁବ ମୋର୍ଚ୍ଚା ସଦସ୍ୟମାନଙ୍କୁ ପୋଲିସ ଅଟକାଉଛି।

## ସଂକ୍ଷେପରେ

### ବିଜେଡି କର୍ମୀ ସମ୍ମିଳନୀ: ବ୍ଲକ ସଭାପତି ପରିବର୍ତ୍ତନ ଦାବି ଜୋର ଧରିଲା

**କ.ନୂଆଗାଁ,୫।୧୧(ଡି.ଏନ୍.ଏ.)-** କ.ନୂଆଗାଁ ବ୍ଲକ ବିଜେଡି କର୍ମୀ ସମ୍ମିଳନୀ ରାମେଶ୍ୱର ମନ୍ଦିର ପରିସରରେ ଜିଲା ସମ୍ପାଦକ କୃଷ୍ଣମୋହନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୪ ପଞ୍ଚାୟତର କର୍ମୀ ଉପସ୍ଥିତ ରହି ବିଜେଡି ସଭାପତି ବଳରାମ ପାଣିଗ୍ରାହୀଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସଭାପତି ପରିବର୍ତ୍ତନ ଦାବି କରିଥିଲେ। ବାଲିଗୁଡ଼ା ବିଧାୟକ ରାଜୀବ ପାତ୍ର ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ସଭାପତି ପରିବର୍ତ୍ତନ କରିବା କହିଥିଲେ। କର୍ମୀମାନେ କୃଷ୍ଣମୋହନ ପାଣିଗ୍ରାହୀଙ୍କୁ ବ୍ଲକ ସଭାପତି ଓ ଅନୀତା ମଲ୍ଲିକଙ୍କୁ ବ୍ଲକ ସଭାନେତ୍ରୀ କରିବା ପାଇଁ ସର୍ବସମ୍ମତି କ୍ରମେ ସହମତି ଜଣାଇଥିଲେ। ବିଧାୟକ ପାତ୍ର ଜିଲା ସଭାପତି ସରୋଜ କର୍ଣ୍ଣଙ୍କୁ ଜଣାଇ ଶୀଘ୍ର ପଦକ୍ଷେପ ନେବି ବୋଲି କହିଛନ୍ତି। ଆଗାମୀ ୧୪ରେ ଜନସମ୍ପର୍କ ପଦଯାତ୍ରା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସମ୍ମିଳନୀରେ ଗୁଞ୍ଜିବାଡ଼ି ସରପଞ୍ଚ ଯୁବତୀ ପ୍ରଧାନ, ବାଲିଗୁଡ଼ା ସରପଞ୍ଚ ବିଭୀଷଣ ପ୍ରଧାନ ବିଜେଡିରେ ସାମିଲ ହୋଇଥିଲେ। ସହଦେବ ପାତ୍ର, ବଇରା ଦିଗାଲ, ଯାଦବ ପ୍ରଧାନ, କଞ୍ଚାମେଣ୍ଡି ସରପଞ୍ଚ ସାନିରା ପ୍ରଧାନ, କୃଷ୍ଣ ବେହେରା, ଅନ୍ତର୍ଯାମୀ ସାହୁ, ପପୁ ନାୟକ, ସିର୍ତ୍ତିଗୁଡ଼ା ସରପଞ୍ଚ ବନମାଳୀ ପ୍ରଧାନ, ବ୍ଲକ ଅଧକ୍ଷ ଚକ୍ରମଣି କହଁର, ରଜନୀ ସାହୁ, ବାବୁ ଦେବ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ
### ଜନଜାତି ମହୋତ୍ସବ ପ୍ରସ୍ତୁତି ବୈଠକ



**ଦାରିଙ୍ଗବାଡ଼ି,୫।୧୧(ଡି.ଏନ.ଏ.):** ଦାରିଙ୍ଗବାଡ଼ି ବ୍ଲକ ସଭାଗୃହରେ ବିଡିଓ ତ୍ରିଲୋଚନ ପାତ୍ରଙ୍କ ଅଧକ୍ଷତାରେ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ ସମେତ ଜନଜାତି ମହୋତ୍ସବ ପାଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୯ ତାରିଖରେ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମ କରାଯିବାକୁ ବୈଠକର ସ୍ଥିର ହୋଇଛି। ପୂର୍ବରୁ ବାରମ୍ବାର ବୈଠକ କରାଯିବା ସହ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। କିନ୍ତୁ ଏହି ଦିନ ଧାର୍ଯ୍ୟ ପ୍ରକାରେ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ଚଳିତ ମାସରେ ଜନଜାତିଙ୍କ ଉଦ୍ଦେଶ୍ୟରେ ଏକ ମହୋତ୍ସବ ପାଳନ କରାଯିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଙ୍ଗୁଳୁ ଚରଣ ପ୍ରଧାନ ପ୍ରସ୍ତାବ ଦେଇଥିଲେ। ମହୋତ୍ସବରେ ବିଭିନ୍ନ ପ୍ରତିଯୋଗିତା ସହ କବିତା ପାଠୋତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥି ସହ ଏକ ସ୍ମରଣିକା ଉନ୍ମୋଚକ କରାଯିବ, ଯେଉଁଥିରେ କି ଜନଜାତି ସମ୍ପ୍ରଦାୟ ପକ୍ଷରୁ ବିଭିନ୍ନ କବିତା, ଗଳ୍ପ ଓ ଚଳଣି ଆଦି ସମ୍ପର୍କରେ ଲେଖା ରହିବ ବୋଲି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଧାନ କହିଛନ୍ତି। ଏହା ୨ ଦିନ ଧରି ପାଳନ କରାଯିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି। ସୁବେନ୍ଦ୍ରୀ ପ୍ରଧାନ, ରମାକାନ୍ତ ବଳିଆର ସିଂ, ଦୀପକ କୁମାର ସାହୁ, କ୍ଷେତ୍ରୀବର ଜାନୀ, ସୁବାସିନୀ ଦିଗାଳ, ମିନା ପାତ୍ର ଓ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ।

# ୮ରେ ଆନ୍ଦୋଳନ ଚେତାବନୀ ଦେଲେ ତାଜୁଙ୍ଗିଆବାସୀ

## ପ୍ରଶାସନର ରାସ୍ତା ସମ୍ପ୍ରସାରଣ କାମ ଆରମ୍ଭ

**ଦାରିଙ୍ଗବାଡ଼ି,୫।୧୧(ଡି.ଏନ.ଏ)**

ଦୀର୍ଘ ୩୪ ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟ ଗଠନ ହୋଇଥିଲେ ହେଁ ଆଜି ପର୍ଯ୍ୟନ୍ତ ପଞ୍ଚାୟତକୁ ସବୁଦିନିଆ ରାସ୍ତାଟିଏ ନାହିଁ। ପ୍ରାୟ ୪ କି.ମି. ଦୂର ଘାଟି ଚଢ଼ି ଲୋକଙ୍କୁ ଯାତାୟାତ କରିବାକୁ ପଡୁଛି। ସାଧାରଣ ବଣ୍ଟନ ସାମଗ୍ରୀ ନିଜ ପଞ୍ଚାୟତରେ ବଣ୍ଟନ ହେବା ପରିବର୍ତ୍ତେ ମହାଗୁଡ଼ିରେ ବଣ୍ଟାଯାଉଛି। ଏହାର କାରଣ ସବୁଦିନିଆ ରାସ୍ତା ନାହିଁ। ସେହିପରି ପକ୍କା ରାସ୍ତା ନ ଥିବାରୁ ତାଜୁଙ୍ଗିଆରେ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରାଯିବା ବଦଳରେ ଉକ୍ତ ପଞ୍ଚାୟତର ସିକରମାହାରେ ଏହା କରାଯାଇଛି। ଏଭଳି ପରିସ୍ଥିତିରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ରାସ୍ତା ସମ୍ପ୍ରସାରଣ କରାଯାଉ ନ ଥିବା ଗ୍ରାମବାସୀ ସୋମବାର ଦାରିଙ୍ଗବାଡ଼ି ବିଡିଓ ତ୍ରିଲୋଚନ ପାତ୍ରଙ୍କ ନିକଟରେ ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ସେମାନେ ଆସନ୍ତା ୮ ତାରିଖରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ତେବେ ବିଡିଓ ପାତ୍ର ତାଜୁଙ୍ଗିଆର ଲୋକଙ୍କୁ ବୁଝାଶୁଝା କରିବା ସହ ତାଙ୍କୁ ପ୍ରଶ୍ନ କରିଛନ୍ତି, କେଉଁ ଆଧାରରେ ତୁମେ ଆନ୍ଦୋଳନ କରିବ ବ୍ଲକ ପ୍ରଶାସନ ପକ୍ଷରୁ ଘାଟି କଟାଯାଇ ସମ୍ପ୍ରସାରଣ ପାଇଁ ୧୦ଲକ୍ଷ ଟଙ୍କା ସହ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରାଯାଉଛି। ଏହା ୪ଦିନ ପୂର୍ବରୁ ଅନୁଦାନ ଆସିଲା ଏବଂ ସମ୍ପ୍ରସାରଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ସର୍ଭେ କାର୍ଯ୍ୟ ଆରମ୍ଭ କରିଛି। ତାଜୁଙ୍ଗିଆକୁ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରାଯାଇଛି। ଏଣୁ ଏଭଳି ଆନ୍ଦୋଳନର କୌଣସି ଆବଶ୍ୟକତା ନାହିଁ ବୋଲି କହିଛନ୍ତି। ଏଥି ସହ ବିଡିଓ କହିଛନ୍ତି, ତୁମ ଦାବିପତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରଦାନ କରାଯିବ। ସେଠାରେ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ କାର୍ଯ୍ୟ କରାଯିବ ବୋଲି କହି ବୁଝାଶୁଝା କରି ଫେରେଇଛନ୍ତି। ତାଜୁଙ୍ଗିଆର ସୁଦାମ ହାୱଡ଼ା, ଲିଓ ନାୟକ ଓ ପ୍ରଦୀପ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଗ୍ରାମବାସୀ ବିଡିଓ ତ୍ରିଲୋଚନ ପାତ୍ରଙ୍କୁ ଦାବି ପ୍ରଦାନ କରୁଛନ୍ତି।

### ତିତ୍‌ଲିରେ ଘର ଭଙ୍ଗାକୁ ମିଳିଲାନି ପଲିଥିନ, କ୍ଷତିଗ୍ରସ୍ତ ହନ୍ତସନ୍ତ

**ଆର.ଉଦୟଗିରି,୫।୧୧(ଡି.ଏନ୍.ଏ.):** ଆର.ଉଦୟଗିରି ଗ୍ରାମର ଗୌଡ଼ସାହି କୈଳାସ କୁମାର ଦାସଙ୍କ ତିତ୍‌ଲି ବାତ୍ୟାରେ ଗିଣ ଘରଟି ଭାଙ୍ଗିଯାଇଛି। ଏକ ମାସ ପୂରିବାକୁ ଗଲାଣି ତଥାପି ତାଙ୍କୁ ପାଲ ଖଣ୍ଡିଏ ମିଳିଲା ନାହିଁ। କୈଳାସ ସ୍ଥାନୀୟ ଆର୍‌ଆଇଙ୍କୁ ଲିଖିତ ଭାବେ ଜଣାଇଥିଲେ। କ୍ଷତିଗ୍ରସ୍ତ ତାଲିକାରେ ୧ ନମ୍ବରରେ ଥିଲା। ସାହିର ସମସ୍ତ ବ୍ୟକ୍ତିଙ୍କୁ ପାଲ ମିଳିଲା କିନ୍ତୁ କୈଳାସଙ୍କୁ ମିଳିନଥିବା ଅଭିଯୋଗ କରିଥିଲେ। ଏ ନେଇ ସ୍ଥାନୀୟ ଆରଆଇଙ୍କୁ ପଚାରିବାରୁ କହିଥିଲେ କୈଳାସଙ୍କ କ୍ଷତିର ତାଲିକାରେ ପ୍ରଥମ ନମ୍ବର ଥିଲା। ସମସ୍ତଙ୍କୁ ଦେବା ପାଇଁ ସାହିର ୱାର୍ଡ ମେମ୍ବରଙ୍କୁ ଦାୟିତ୍ୱ ଦିଆଯାଇଥିଲା। କାହିଁକି କୈଳାସଙ୍କୁ ମିଳିଲା ନାହିଁ ପଚାରି ବୁଝିବି ଏବଂ ପାଲ ଆସିଲେ କୈଳାସଙ୍କୁ ଦିଆଯିବ ବୋଲି କହିଥିଲେ। ପାଲ ପାଇଁ ବହୁବାର ଆର୍‌ଆଇଙ୍କ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ହଇରାଣ ହେଉଛନ୍ତି। କିଛି ଦିନ ତଳେ କାର୍ଯ୍ୟାଳୟକୁ ପାଲ ଆସିବା ଶୁଣି କୈଳାସ ଆର୍‌ଆଇଙ୍କୁ ପାଲ ଦେବା ପାଇଁ ନିବେଦନ କରିଥିଲେ। ତେବେ ଆରଆଇ କହିଥିଲେ ଅନ୍ୟଆଡ଼େ ଏହା ଦିଆଯିବ, ପୁନର୍ବାର ଆସିଲେ ତୁମକୁ ଦିଆଯିବ। ଏ ନେଇ ଦାୟିତ୍ୱରେ ଥିବା ତହସିଲଦାର ପ୍ରଦୀପ କୁମାର ନାୟକଙ୍କୁ ଆମ ପ୍ରତିନିଧି ଜଣାଇବା ପରେ ପାଲ ଯୋଗାଇ ଦିଆଯିବ ବୋଲି କହିଥିଲେ। ମାତ୍ର ଆଜିସୁଦ୍ଧା ପାଲ ନ ମିଳିବା ଯୋଗୁ ବାତ୍ୟାରେ ଭାଙ୍ଗି ଯାଇଥିବା ଘର ସାମାନ୍ୟ ବର୍ଷା ହେଲେ ରହିବା ପାଇଁ ଅସୁବିଧା ହେଉଛି ବୋଲି କୈଳାସ କହିଥିଲେ।

# ଜିଲାସ୍ତରୀୟ ସୁରଭି ଉଦ୍‌ଯାପିତ

**ବାଲିଗୁଡ଼ା, ୫।୧୧(ଡି.ଏନ.ଏ.)**

କନ୍ଧମାଳ ଜିଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ବାଲିଗୁଡ଼ା ନୂଆସାହି ସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ବିକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଲିଗୁଡ଼ା ଏନ୍‌ଏସି ଅଧକ୍ଷା ମମତା ବେହେରା ମୁଖ୍ୟଅତିଥି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏପରି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭା ଆଗକୁ ଆଣିବାକୁ ବେଶ୍ ସହାୟକ ହେବ ବୋଲି ମୁଖ୍ୟ ଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସମନ୍ୱିତ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରଞ୍ଜିତ କୁମାର ରଣଜିତ୍ ଏବଂ ମୁଖ୍ୟବକ୍ତା ଭାବେ କନ୍ଧମାଳ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନରେଶ ଶବର ମୁଖ୍ୟ ଅତିଥି, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ମଲିକ ସମ୍ମାନିତ ଅତିଥି ଏବଂ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶିଶୁ ମହୋତ୍ସବରେ ଜିଲାର ୧୨ ବ୍ଲକରୁ ପ୍ରାୟ ୨୦୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ପ୍ରବନ୍ଧ, ଲିଖନ, କୁଇଜ୍, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ବକ୍ତୃତା, ସଂଗୀତ, ଓଡ଼ିଆ ହସ୍ତାକ୍ଷର, ଦଳଗତ ନୃତ୍ୟ, ଚିତ୍ର ଓ ଶିଳ୍ପକଳା ଆଦି ପ୍ରତିଯୋଗିତା ହୋଇଥିଲା। ସ୍ଥାନୀୟ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମହେଶ୍ୱର ମାଝି, ବଳରାମ ବେହେରା ତଥା ପ୍ରଧାନ ଶିକ୍ଷୟିତ୍ରୀ କୁମୁଦିନୀ ପଟ୍ଟନାୟକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିବା ବେଳେ ପ୍ରତ୍ୟେକ ବ୍ଲକ୍, କ୍ଲଷ୍ଟରରୁ ଆସିଥିବା ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।



ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

# ପଞ୍ଚାୟତ ସମିତିରେ ଭିଡିଓ କନ୍‌ଫରେନ୍ସିଂ ହଲ୍ ଉଦ୍‌ଘାଟିତ

**ଦାରିଙ୍ଗବାଡ଼ି,୫।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଭିଡିଓ କନଫେରନ୍ସିଂ ହଲ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଏହା ଦ୍ୱାରା ସିଧାସଳଖ ପଞ୍ଚାୟତ ସମିତିରୁ ବରିଷ୍ଠ ଅଧିକାରୀଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମଧ୍ୟ ଅଞ୍ଚଳର ଉନ୍ନୟନ ସମ୍ପର୍କରେ ଆଲୋଚନା କରାଯାଇପାରିବ। ବ୍ଲକ ପ୍ରଶାସନ ସହ ରାଜ୍ୟ କାର୍ଯ୍ୟାଳୟ ସିଧାସଳଖ ଯୋଡ଼ି ହୋଇରହିବ ବୋଲି ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ବିଡିଓ ତ୍ରିଲୋଚନ ପାତ୍ରଙ୍କ ସମେତ ସମସ୍ତ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।


ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ତାମାଙ୍ଗିକୁ ସରକାରୀ ବସ୍ ଚଳାଚଳ ଦାବି

## ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ଜଣାଇଲେ ଗ୍ରାମବାସୀ

**ଦାରିଙ୍ଗବାଡ଼ି,୫।୧୧(ଡି.ଏନ.ଏ.)**

ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡାର ତାମାଙ୍ଗି ଗ୍ରାମକୁ ସରକାରୀ ବସ୍ ଚଳାଚଳ କରାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସେମାନଙ୍କ ଦାବି ହେଲା ଯେ, ସରକାର ଗତ କିଛି ବର୍ଷ ହେଲା ତାଙ୍କ ପଞ୍ଚାୟତ ହେଡକ୍ୱାର୍ଟର ହାତୀମୁଣ୍ଡାରୁ ଫୁଲବାଣୀକୁ ଏକ ବସ୍ ଯୋଗାଇ ଦେଇଛନ୍ତି। ତେବେ ଏହି ବସ୍ ପଞ୍ଚାୟତ ମୁଖ୍ୟାଳୟରୁ ଆଉ ୩ କି.ମି. ଦୂର ତାମାଙ୍ଗି ପର୍ଯ୍ୟନ୍ତ ଯାତାୟାତ ସୁବିଧା କରିଦେଲେ ତାମାଙ୍ଗି ଗ୍ରାମ ସମେତ କସ୍‌ପଙ୍କା ଓ କୁମ୍ଭାରୀପଦର ଆଦି ଗ୍ରାମର ଶତାଧିକ ଲୋକ ଉପକୃତ ହୋଇପାରିବେ ବୋଲି ଦାବି କରାଯାଇଛି। ଏନେଇ ସେମାନେ ଫୁଲବାଣୀ ବାରମ୍ବାର ଯାଇ ଆଞ୍ଚଳିକ ପରିବହନ ଅଧିକାରୀ ନିମାଇ ଚରଣ ସୂତାରଙ୍କୁ ଜଣାଇଛନ୍ତି। ସେମାନେ ଜଣାଇଛନ୍ତି ଯେ, ଦାରିଙ୍ଗବାଡ଼ିରୁ ତାମାଙ୍ଗି ଦୂରତା ପ୍ରାୟ ୫୦ କି.ମି.ଏଣୁ ଦାରିଙ୍ଗବାଡ଼ି, ବାଲିଗୁଡ଼ା ଓ ଫୁଲବାଣୀକୁ ବିଭିନ୍ନ ସରକାରୀ ଏବଂ ବେସରକାରୀ କାର୍ଯ୍ୟରେ ଯାଇ ଗ୍ରାମକୁ ଫେରିବା କଷ୍ଟ ହେଉଛି। ଅନେକ ସମୟରେ ଯାତ୍ରୀବାହୀ ବସ୍ କିମ୍ବା ଅନ୍ୟ କିଛି ଗାଡ଼ି ନ ମିଳିଲେ ଅଞ୍ଚଳବାସୀ ଠିକ୍ ସମୟରେ ଗ୍ରାମରେ ପହଞ୍ଚି ପାରୁନାହାନ୍ତି। ଫଳରେ ସମସ୍ୟା ହେଉଛି। ସେହିପରି ସାଧାରଣ ସାମଗ୍ରୀ ପାଇଁ ପଞ୍ଚାୟତ ମୁଖ୍ୟାଳୟ ହାତୀମୁଣ୍ଡା ଯାଇ ଗ୍ରାମକୁ ଫେରିବା ପାଇଁ ବସ୍ ଚଳାଚଳ କଲେ ଲୋକେ ଉପକୃତ ହେବେ ବୋଲି ଦାବି କରାଯାଇଛି। ସେହିପରି ତାମାଙ୍ଗିରେ ରୁଷିମାଳ ପାହାଡ଼ ରହିଛି। ସେଠାରୁ ରୁଷିକୁଲ୍ୟା ନଦୀ ଆରମ୍ଭ ହୋଇଛି। ଅନେକ ସମୟରେ ପର୍ଯ୍ୟଟକଙ୍କ ସମେତ ରୁଷିମାଳ ପାହାଡ଼କୁ ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନେ ଆସି ହଇରାଣ ହେଉଥିବା ଗ୍ରାମର ଉପେନ୍ଦ୍ର ବଳିଆର ସିଂଙ୍କ ସମେତ ବାବୁଲା ବଳିଆର ସିଂ, କମଳା ମଲ୍ଲିକ, ମାର୍କ ବଳିଆର ସିଂ, ବିକ୍ରମ ସିଂ, ପଙ୍କଜିନୀ ଉଠାଣ ସିଂ ଓ ଅନିଲ କୁମାର ସିଂ ପ୍ରମୁଖ ଦାବି କରିଛନ୍ତି। ଏନେଇ ଫୁଲବାଣୀ ଆଞ୍ଚଳିକ ପରିବହନ ଅଧିକାରୀ ସୂତାରଙ୍କ ସହ ଯୋଗାଯୋଗ କରାଯିବାରୁ ତାମାଙ୍ଗି ଲୋକ ମୋ ନିକଟରେ ଦାବି କରିଛନ୍ତି। ସେ ଏନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।


ହାତୀମୁଣ୍ଡାକୁ ଯାତାୟାତ କରୁଥିବା ସରକାରୀ ବସ୍।

### ପଛୁଆ ଅଞ୍ଚଳ ବିକାଶ ପାଣ୍ଠି ସବୁ ପଞ୍ଚାୟତକୁ ମିଳୁ ନ ଥିବାରୁ ହଟ୍ଟଗୋଳ

# ବ୍ଲକ ଅଧକ୍ଷାଙ୍କ ଉପରେ ବର୍ଷିଲେ ସରପଞ୍ଚ, ସମିତିସଭ୍ୟ

**ଦାରିଙ୍ଗବାଡ଼ି,୫।୧୧(ଡି.ଏନ.ଏ)**

ଦାରିଙ୍ଗବାଡ଼ି ପଞ୍ଚାୟତ ସମିତିକୁ ଆସୁଥିବା ବିଆରଜିଏଫ ( ବ୍ୟାକ୍ ୱାର୍ଡ଼ ରିଜିନ୍ସ ଗ୍ରାଣ୍ଟ ଫଣ୍ଡ ) ବା ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠି ସମସ୍ତ ପଞ୍ଚାୟତକୁ ଦିଆ ନ ଯାଇ କେବଳ ହାତ ଗଣତି ଦାରିଙ୍ଗବାଡ଼ି ଏବଂ ଶ୍ରାନିକେତା ପଞ୍ଚାୟତକୁ ଅଧିକ ଦିଆଯିବା ନେଇ ଅଭିଯୋଗ ହୋଇଛି। ଏକ ସଭାରେ କାଟିଙ୍ଗିଆ ସମିତିସଭ୍ୟ କରମ ସିଂ ନାୟକ, ଭ୍ରମରବାଡ଼ି ସରପଞ୍ଚ ଆକାଶ ପ୍ରଧାନ, ସରାମୂଳି ସରପଞ୍ଚ ଚନ୍ଦ୍ରଶେଖର ମୁଠାମାଝି, ବୁଡାଗୁଡ଼ା ସମିତିସଭ୍ୟା ନିର୍ମଳା ସାହୁଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। ଏଥି ପାଇଁ ଏକ ବୈଠକ କିଛି ସମୟ ପାଇଁ ଅଚଳ ହେବା ସହ କାଟିଙ୍ଗିଆ ସମିତିସଭ୍ୟ କରମ ସିଂ ନାୟକ ବ୍ଲକ ଅଧକ୍ଷା ସୁବେନ୍ଦ୍ରୀ ପ୍ରଧାନଙ୍କୁ କହିଥିଲେ, ସମସ୍ତ ପଞ୍ଚାୟତକୁ ସମାନ ଭାବେ ଅନୁଦାନ ବଣ୍ଟନ କରାଯିବା ବଦଳରେ ନିଜ ପଞ୍ଚାୟତ ଶ୍ରାନିକେତାକୁ କାହିଁକି ଅଧିକ ଅନୁଦାନ ଦିଆଯାଇଛି । କଂଗ୍ରେସ ସରପଞ୍ଚ ଥିବା ପଞ୍ଚାୟତଗୁଡ଼ିକୁ ଅବହେଳା କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ପୁଣି ଥରେ ବିଚାର କରି ସମସ୍ତ ପଞ୍ଚାୟତକୁ ସମାନ ଅନୁଦାନ ଦିଆଯିବାକୁ ଦାବି ଉଠିଥିଲା। ବ୍ଲକ ଅଧକ୍ଷା ମଧ୍ୟ ତାଙ୍କ ଉତ୍ତରରେ କହିଥିଲେ, କୌଣସି ପାତରଅନ୍ତର କରାଯାଉ ନାହିଁ। ସମସ୍ତଙ୍କୁ ପ୍ରଶାସନ ଆବଶ୍ୟକ ଭାବେ ଅନୁଦାନ ଦେଉଛି। ବିଡିଓ ତ୍ରିଲୋଚନ ପାତ୍ର କହିଥିଲେ, ଜିଲାପାଳଙ୍କ ନିକଟକୁ ପ୍ରତିନିଧିମାନେ ଯାଇ ଏହି ଅନୁଦାନ ସମ୍ପର୍କରେ ଆଲୋଚନା କରି ଆସନ୍ତୁ। ମୁଁ ମଧ୍ୟ ଜିଲାପଳଙ୍କୁ ଏ ସମ୍ପର୍କରେ ଅବଗତ କରାଇବି। ଏଥି ସହ ବିଡିଓ ପାତ୍ର ଜନପ୍ରତିନିଧିଙ୍କୁ କହିଥିଲେ, ୨୦୦୪ ରୁ ଇଣ୍ଟ୍ରେଷ୍ଟ ମନି ପ୍ରାୟ ୩କୋଟି ରହିଥିଲା। ତାକୁ ଜିଲା ପ୍ରଶାସନ ଫେରେଇବାକୁ କହିଥିଲେ ତାକୁ ଫେରେଇବା ପରେ ପୁଣି କୋଟିଏରୁ ଉର୍ଦ୍ଧ୍ୱ ଅନୁଦାନ ଦାରିଙ୍ଗବାଡ଼ି ବିକାଶ ପାଇଁ ଦେଇଛନ୍ତି। ଏଥିସହ କାଟିଙ୍ଗିଆ ସମିତିସଭ୍ୟ ନାୟକ ଅଭିଯୋଗ କରିଥିଲେ, କୌଣସି ସରକାରୀ କାର୍ଯ୍ୟରେ ବ୍ଲକରେ ଅଧକ୍ଷାଙ୍କୁ ଭେଟିବାକୁ ଆସିଲେ ତାଙ୍କ ବଦଳରେ ଅନ୍ୟମାନେ ରହୁଛନ୍ତି। ଫଳରେ ଅଞ୍ଚଳର ବିକାଶ ହେଉ ନ ଥିବା ଅଭିଯୋଗ କରିଥିଲେ। ଏଥିରେ ବ୍ଲକ ଅଧକ୍ଷା କହିଛନ୍ତି, ସେ ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ ଦେଖିବାକୁ ଯିବା ସହ ଲୋକଙ୍କ ସମସ୍ୟା ବୁଝାଯାଇ ସମାଧାନ କରାଯାଉଛି ଏଣୁ ସେଭଳି ଅଭିଯୋଗ ଭିତ୍ତିହୀନ ।


ଲୋକ ପ୍ରତିନିଧିମାନେ ବ୍ଲକ ଅଧକ୍ଷାଙ୍କ ସହ ଆଲୋଚନା କରୁଛନ୍ତି।

2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ